ବର୍ଷ-୨୬, ସଂଖ୍ୟା-୨୭୦
ଭୁବନେଶ୍ୱର
ଅକ୍ଟୋବର, ୦୭, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 270
Bhubaneswar
October, 07, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜ୍ଞାନେଶଙ୍କ ଇସ୍ତଫା ଦାବିରେ ବଢ଼ ଆନ୍ଦୋଳନ

ନୂଆଦିଲ୍ଲୀ,୬।୧୦(ମହାଭାରତ):ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ବିରୋଧୀ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯାଇଛି । ନୂଆଦିଲ୍ଲୀର ଆକାଶବାଣୀ ଭବନ ସମ୍ମୁଖରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି । ଏହି ସମୟରେ ଦିଲ୍ଲୀ ପୁଲିସ ରାହୁଲ ଗାନ୍ଧୀ ଏବଂ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଅଟକ ରଖିଛି । ଏହି ଦୁଇ ନେତାଙ୍କ ବ୍ୟତୀତ କଂଗ୍ରେସର ବହୁ ବରିଷ୍ଠ ନେତାଙ୍କୁ ମଧ୍ୟ

## ସାମିଲ ହେଲା ବିଜେଡି

ଅଟକ ରଖିଛି ଦିଲ୍ଲୀ ପୁଲିସ ।

ଅଟକ ହୋଇଥିବା ଅନ୍ୟ ବରିଷ୍ଠ ନେତାମାନଙ୍କ ମଧ୍ୟରେ ସାଂସଦ ପବନ ଖେଡ଼ା, କେ.ସି. ବେଣୁଗୋପାଳ ଏବଂ ଅମରିନ୍ଦର ସିଂହ ରାଜା ୱାରିଂ ପ୍ରମୁଖ ସାମିଲ । ଏହି ପ୍ରତିବାଦସ୍ଥଳରୁ ଆନ୍ଦୋଳନକାରୀଙ୍କୁ ହଟାଇବା ପାଇଁ ନୂଆଦିଲ୍ଲୀର ଉଭଚ ସଚିନ ଶର୍ମା ନିଜେ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିଥିଲେ । ଏହା ପୂର୍ବରୁ ଆକାଶବାଣୀ ଭବନ ବାହାରୁ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବ୍‌ଙ୍କ ସମେତ ଅନେକ ଯୁବ କଂଗ୍ରେସ ଓ ଏନଏସୟୁଆଇ ନେତାଙ୍କୁ ମଧ୍ୟ ପୁଲିସ ହେପାଜତକୁ ନେଇଥିଲା ।




ନିର୍ବାଚନ ଆୟୋଗଙ୍କ ମୁଖ୍ୟାଳୟ 'ନିର୍ବାଚନ ସଦନ' ଅଭିମୁଖେ ପଦଯାତ୍ରା କରୁଥିବା ବିରୋଧୀ ନେତାମାନଙ୍କୁ ପୁଲିସ ଅଟକାଇବାରୁ ସେମାନେ ଆକାଶବାଣୀ ଭବନ ସମ୍ମୁଖରେ ଧାରଣାରେ ବସିଥିଲେ । ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ବିରୋଧରେ ବିରୋଧୀ ଦଳଗୁଡ଼ିକ 'ଗଣତନ୍ତ୍ର ବଞ୍ଚାଓ' ଆନ୍ଦୋଳନ ଜୋରଦାର କରିଛନ୍ତି । କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି ଯେ, ସେମାନଙ୍କର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏବଂ ଗଣତନ୍ତ୍ରର ସୁରକ୍ଷା ନହେବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ । ସେହିପରି ରାହୁଲ ଗାନ୍ଧୀ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ କଡ଼ା ସମାଲୋଚନା କରିଛନ୍ତି । ନିର୍ବାଚନ କମିଶନରମାନେ ବିରୋଧୀ ନେତାଙ୍କୁ ଭେଟି ସେମାନଙ୍କ ଆଶଙ୍କା ଓ ପ୍ରଶ୍ନର ଉତ୍ତର ଦିଅନ୍ତୁ ବୋଲି ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ଦେଶର ନିର୍ବାଚନ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଉଛନ୍ତି ବୋଲି ରାହୁଲ ଅଭିଯୋଗ କରିଛନ୍ତି ।

ପ୍ରତିବାଦରେ ସାମିଲ ହେଲେ ବିଜେଡି ସାଂସଦ । ପ୍ରତିବାଦକୁ ବିଜେଡିର ସମର୍ଥନକୁ ସ୍ୱାଗତ କଲା କଂଗ୍ରେସ । କଂଗ୍ରେସ ବିଧାୟକ ପବିତ୍ର ସାଉଁଟା କହିଛନ୍ତି ଯେ, ସମଗ୍ର ଭାରତରେ ଜ୍ଞାନେଶ କୁମାର ଓ ଭୋଟ ଚୋରିକୁ ନେଇ ହଟଚମଟ ଚାଲିଥିବା ବେଳେ ବିଜେଡି ଇଣ୍ଡି ମେଣ୍ଟକୁ ସମର୍ଥନ ଜଣାଇବା ଶୁଭଙ୍କର ବିଷୟ । ୨୦୨୪ ନିର୍ବାଚନରେ ବିଜେପି ଠାରୁ ବିଜେଡିର ଭୋଟ ପ୍ରତିଶତ ଅଧିକ । ବିଳମ୍ବ ହେଲେ ସୁଦ୍ଧା ବିଜେଡି ତରଫରୁ ସମର୍ଥନ ଆଜି ମିଳିଛି । ଭାରତରେ ୧୩ କୋଟି ଭୋଟର କଟି ଯାଇଛନ୍ତି । ପଦଯାତ୍ରାରେ ବିଜେଡି ସାମିଲ ହେବା ଓଡିଶା ରାଜନୀତି ଓ ଭବିଷ୍ୟତ ପାଇଁ ଶୁଭଙ୍କର । ଆଗାମୀ ଦିନରେ ରାଜନୀତି ସରଗରମ ହେବ

# ହାଲ୍‌ରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ଉତ୍ପାଦନ ଲାଇନ୍ ଉଦ୍‌ଘାଟିତ

କୋରାପୁଟ,୬।୧୦(ମହାଭାରତ) ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ ମାନୁଫାକ୍‌ଚରିଙ୍ଗ୍ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍‌ଚରିଙ୍ଗ୍ ଲାଇନ୍ ଉଦ୍‌ଘାଟନ କରିଛନ୍ତି । ଏହା ସହିତ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ଏହି ହାଲ୍ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି ।



ସେ କହିଛନ୍ତି ଯେ କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ । ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ୍, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି । ସେ ପୁଣି କହିଥିଲେ ଯେ, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି । ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ରକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ ।

ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ । ଏହିସବୁ ଶିଳ୍ପଗୁଡିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି ।ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ, ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲ୍‌ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି । ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥଲେ ।

# ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ବାୟୁସେନାର ପରବର୍ତ୍ତୀ ମୁଖ୍ୟ

ନୂଆଦିଲ୍ଲୀ,୬।୧୦(ମହାଭାରତ):: ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ହେବେ ପରବର୍ତ୍ତୀ ବାୟୁସେନା ମୁଖ୍ୟ । ପରମ ବିଶିଷ୍ଟ ସେବା ପଦକ, ଅତି ବିଶିଷ୍ଟ ସେବା ପଦକ, ବାୟୁସେନା ପଦକ ଓ ବିଶିଷ୍ଟ ସେବା ପଦକରେ ସମ୍ମାନିତ ହୋଇଥିବା ଦୀକ୍ଷିତ ଏବେ ବାୟୁସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଅମର ପ୍ରୀତ ସିଂହ ଅକ୍ଟୋବର ୩୧ ତାରିଖରେ ଅବସର ଗ୍ରହଣ କରିବେ । ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ ଓ ଦେଶର ୨୯ତମ ଏୟାର ଚିଫ୍ ମାର୍ଶଲ ଭାବେ କାର୍ଯ୍ୟ କରିବେ ।



୧୯୮୬ ଡିସେମ୍ବର ୬ ତାରିଖରେ ସେ ଭାରତୀୟ ବାୟୁସେନାରେ କାର୍ଯ୍ୟ ଆରମ୍ଭ କରିଥିଲେ । ୪ ଦଶନ୍ଧିର ଲମ୍ବା କ୍ୟାରିଅରରେ ଅନେକ ଯୁଦ୍ଧ ବିମାନ ଉଡାଇଛନ୍ତି ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ । ତାଙ୍କର ୩୫୦୦ ଘଣ୍ଟାର ଉଡାଣ ଅଭିଜ୍ଞତା ରହିଛି । ସେ ଯୁଦ୍ଧ ବିମାନ ସହିତ ଟ୍ରେନର ଓ ପରିବହନରେ ନିୟୋଜିତ ଏୟାରକ୍ରାଫ୍ଟ ମଧ୍ୟ ଉଡାଇଛନ୍ତି । ସେ ମିରେଜ-୨୦୦୦, ଏମଆଇଜିର ବିଭିନ୍ନ ଯୁଦ୍ଧ ବିମାନ, ଏଚପିଟି-୩୨, ଏଏନ-୩୨, ଜାଗୁଆର, ତେଜସ୍ ଭଳି ବିମାନ ଉଡାଇଛନ୍ତି । ସେ ଅପରେସନ 'ସଫେଦ ସାଗର' ଓ 'ରକ୍ଷକ'ରେ ସାମିଲ ହୋଇଥିଲେ । ଅପରେସନ 'ସିନ୍ଦୂର'ରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ।

ବାୟୁସେନାର ଉପମୁଖ୍ୟ ହେବା ପୂର୍ବରୁ ଆଶୁତୋଷ ଦୀକ୍ଷିତ ସେଣ୍ଟ୍ରାଲ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଓ ଚିଫ୍ସ ଅଫ୍ ଷ୍ଟାଫ୍ କମିଟିର ଅଧ୍ୟକ୍ଷଙ୍କ ସମନ୍ୱିତ ପ୍ରତିରକ୍ଷା କର୍ମଚାରୀଙ୍କ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ । ବାୟୁସେନା ମୁଖ୍ୟାଳୟରେ ସେ ଏୟାର ଷ୍ଟାଫ୍ ରିକ୍ୱାୟରମେଣ୍ଟସର ପ୍ରମୁଖ ନିର୍ଦ୍ଦେଶକ, ବାୟୁସେନା (ପ୍ରକଳ୍ପ)ର ସହକାରୀ ମୁଖ୍ୟ ଓ ବାୟୁସେନା (ଯୋଜନା)ର ସହକାରୀ ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ବାୟୁସେନାର ଉପ ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଏହା ସହିତ ଆଶୁତୋଷ ଦୀକ୍ଷିତ ବାୟୁସେନାର ଦକ୍ଷିଣ ଏୟାର କମାଣ୍ଡର ଏୟାର ଡିଫେନ୍ସ କମାଣ୍ଡର ଓ ଦକ୍ଷିଣ ପଶ୍ଚିମ ଏୟାର କମାଣ୍ଡର ସିନିୟର ଏୟାର ଷ୍ଟାଫ୍ ଅଫିସର ଭାବେ କାର୍ଯ୍ୟ କରିଛନ୍ତି ।

## ପଞ୍ଚାୟତ ଓ ପୌର ନିର୍ବାଚନ

# ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୬।୧୦(ମହାଭାରତ):: ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା ଅନୁଷ୍ଠିତ ହୋଇଅଛି । ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ । ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ପରାମର୍ଶ ରଖିଥିଲେ ।

ଆଗାମୀ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ? ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା । ଏହି ସର୍ଭେ ? ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ ।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ? ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟ ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡିକରେ ନିୟୋଜିତ କରିବା ସହ ସର୍ଭେ ? ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି ।

ସମସ୍ତ ରାଜନୈତିକ ଦଳମାନଙ୍କୁ ଅକ୍ଟୋବର ୧୫ ତାରିଖ ସୁଦ୍ଧା ଈଖଇ ଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଗ୍ରାମାଞ୍ଚଳ ପାଇଁ ବିଡିଓ ଙ୍କ ପାଖରେ ସହରାଞ୍ଚଳ( ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର / ଆସିଷ୍ଟାଣ୍ଟ କମିଶନର ଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି ।

ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ କହିଥିଲେ ଯେ, ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏକ ସୁସ୍ଥ ଓ ସ୍ୱଚ୍ଛ ନିର୍ବାଚନ ବ୍ୟବସ୍ଥାର ମୂଳ ଆଧାର । ତେଣୁ ଭୋଟର ତାଲିକା ପ୍ରସ୍ତୁତିର ପ୍ରତ୍ୟେକ ପର୍ଯ୍ୟାୟରେ ସ୍ୱଚ୍ଛତା, ନିରପେକ୍ଷତା ଓ ସମସ୍ତଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବ । ରାଜନୈତିକ ଦଳଗୁଡିକର ସକ୍ରିୟ ସହଯୋଗ ଦ୍ୱାରା ଭୋଟର ତାଲିକାକୁ ଅଧିକ ବିଶ୍ୱସନୀୟ ଓ ତ୍ରୁଟିମୁକ୍ତ କରାଯାଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।ଏହି ବୈଠକରେ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ ,ଉପ ସଚିବ ଦୁର୍ଗା ଚରଣ ମୁର୍ମୁ ଉପସ୍ଥିତ ଥିଲେ ।

## ପୁରୀ ବିମାନବନ୍ଦରକୁ ସିଆରଜେଡ୍ କ୍ଲିୟରାନ୍ସ

ପୁରୀ,୬।୧୦(ମହାଭାରତ: ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର ସ୍ୱପ୍ନ ଏବେ ଆଉ ଏକ ପାଦ ଆଗେଇଛି । ବ୍ରହ୍ମଗିରି ରାସ୍ତାର ଶିପସରୁବାଲି ମୌଜାରେ ହେବାକୁ ଥିବା ଏହି ବିମାନବନ୍ଦର ପାଇଁ ଜଙ୍ଗଲ ବିଭାଗ ସମ୍ପର୍କିତ ସମସ୍ୟାର ସମାଧାନ ହୋଇଥିବା ବେଳେ ଏବେ ସିଆରଜେଡ କ୍ଲିୟରାନ୍ସ ମଧ୍ୟ ମିଳିଛି । ପୁରୀ ଜିଲ୍ଲାପାଳଙ୍କ ସୂଚନା ଅନୁସାରେ, ଏହା ପରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ସହଯୋଗରେ ବିମାନବନ୍ଦର ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନିଆଯିବ । ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି । ପୂର୍ବରୁ ବିମାନବନ୍ଦର ପାଇଁ ଷ୍ଟେଜ୍-୧ ଅନୁମତି ମିଳିଥିଲା । ଅନୁମତିରେ ଥିବା ସର୍ତ୍ତଗୁଡ଼ିକ ପୂରଣ କରାଯାଇ ଆବଶ୍ୟକ ରିପୋର୍ଟ ଦାଖଲ କରାଯାଇଥିଲା । ବିମାନବନ୍ଦର ପାଇଁ ମୋଟ ୧,୧୬୪.୭୫୪ ଏକର ଜମି ଅଧିଗ୍ରହଣ ହୋଇଛି ।

## ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ବିଦ୍ୟାଭାରତୀ

କଟକ,୬।୧୦(ମହାଭାରତ): ବହୁ ଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ହତ୍ୟା ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଗିରଫଦାରୀ ଆଶଙ୍କା ବିଥିବା ବେଳେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ହାଇକୋର୍ଟରେ ଆଗୁଆ ଜାମିନ ଆବଦେନ କରିଛନ୍ତି ବିଦ୍ୟାଭାରତୀ ।

ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସମେତ ହାଇକୋର୍ଟରେ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ । ସେପ୍ଟେମ୍ବର ୩ ତାରିଖରେ ହାଇକୋର୍ଟ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ହାଇକୋର୍ଟ । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ । ଆଉ ସେପ୍ଟେମ୍ବର ୯ ତାରିଖରେ ରାୟ ଶୁଣାଇ ହାଇକୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ତାଙ୍କ ଉପରୁ ଅନ୍ତରୀଣ ସୁରକ୍ଷା ହଟାଇ ଦେଇଥିଲେ କୋର୍ଟ । ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ସ୍ପେଶାଲ୍ ଲିଭ୍ ପିଟିସନ୍ ଦାଖଲ କରିଥିଲେ । କିନ୍ତୁ ସୁପ୍ରିମ୍‌କୋର୍ଟ ତାଙ୍କ ଆବେଦନ ଖାରଜ କରି ଦେଇଥିଲେ ।

# ଓଡିଶା ଯବାନ ଭି. ତେଜା ସହିଦ

ଭୁବନେଶ୍ୱର,୬।୧୦(ମହାଭାରତ): ସହିଦ ହୋଇଛନ୍ତି ରାୟଗଡାର ଯବାନ ଭି. ତେଜା । ସେ ଆସାମ ରାଇଫଲ୍ସରେ କାର୍ଯ୍ୟ କରୁଥିଲେ । ସେ ନାଗାଲାଣ୍ଡରେ ମୁତୟନ ହୋଇଥିବା ବେଳେ ଗତକାଲି ସହିଦ ହୋଇଥିଲେ । ସେ ଡ୍ୟୁଟୀରେ ଥିବା ବେଳେ ତାଙ୍କ ଦେହରେ ବାଜିଥିଲା ଗୁଳି । ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ତାଙ୍କୁ ସେଠାରେ ମୃତ ଘୋଷଣା କରାଯାଇଥିଲା ।



ରାୟଗଡା ସହରର କତୁର ଅଞ୍ଚଳର ଭି. ତେଜା ୨୦୨୨ ମସିହାରେ ଆସାମ ରାଇଫଲ୍ସରେ ସାମିଲ ହୋଇଥିଲେ । ଆସନ୍ତାକାଲି ସେ ତାଙ୍କର ୩୧ତମ ଜନ୍ମଦିନ ପାଳି ଥାଆନ୍ତେ । କିନ୍ତୁ ତା'ର ଦୁଇ ଦିନ ପୂର୍ବରୁ ସେ ସହିଦ ହୋଇଗଲେ । ୧୯୯୫ ମସିହା ଅକ୍ଟୋବର ମାସ ୭ ତାରିଖରେ ଜନ୍ମ ହୋଇଥିଲେ ଭି. ତେଜା । ତାଙ୍କର ବିବାହ ଠିକ୍ ହୋଇଯାଇଥିଲା । ଆସନ୍ତା ଡିସେମ୍ବର ୧୦ ତାରିଖରେ ସେ ବାହା ହୋଇଥାଆନ୍ତେ । ଘରେ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ତାଙ୍କ ଛୁଟି ମଞ୍ଜୁର ହୋଇସାରିଥିଲା । ତାଙ୍କୁ ୫୦ ଦିନ ଛୁଟି ମିଳିଥିଲା । ସେ ଦୀପାବଳିରେ ଘରକୁ ଆସିଥା'ନ୍ତେ । କିନ୍ତୁ ଦେଶ ସେବା କରୁ କରୁ ସେ ସହିଦ ହୋଇଗଲେ ।ଦୁଇ ବର୍ଷ ତଳେ ତେଜା ଅଙ୍ଗଦାନ ପାଇଁ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ ଭି. ତେଜା । ତାଙ୍କ ଇଚ୍ଛା ଅନୁଯାୟୀ ମୃତ୍ୟୁ ପରେ ତାଙ୍କ କିଛି ଅଙ୍ଗକୁ ନାଗାଲାଣ୍ଡର ଏକ ଡାକ୍ତରଖାନାରେ ସଂରକ୍ଷିତ କରି ରଖାଯାଇଛି ବୋଲି ତାଙ୍କ ସାନ ଭାଇ ସୂଚନା ଦେଇଛନ୍ତି । ଆଜି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ହାଇଦ୍ରାବାଦ ଦେଇ ତେଜାଙ୍କ ପାର୍ଥିବ ଶରୀର ବିଶାଖାପାଟଣା ଅଣାଯିବ । ସେଠାରୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଅଣାଯିବା ନେଇ ସୂଚନା ମିଳିଛି । ତେଜାଙ୍କ ସହିଦ ହେବା ଖବର ପହଞ୍ଚିବା ପରେ ରାୟଗଡ଼ାରେ ଶୋକର ଛାୟା ଖେଳିଯାଇଛି ।

## ୨ ଦିନ ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୬।୧୦(ମହାଭାରତ): ଭିଜିବ ଓଡିଶା । ଉତ୍ତର ଓଡିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ରହିଛି ବର୍ଷା ସମ୍ଭାବନା । ୭ ଓ ୮ ତାରିଖରେ ୯ ଜିଲାକୁ ବର୍ଷା ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ୨୪ ଘଣ୍ଟା ପାଇଁ ୪ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରକୁ ୟେଲୋ ଆଲର୍ଟ ଜାରି ହୋଇଛି । ବିଜୁଳି ଘଡଘଡି ସହ ପବନର ବେଗ ସ୍ଥାନେ ସ୍ଥାନେ ୩୦ରୁ କିମି ବେଗରେ ରହିବାର ସମ୍ଭାବନା ରହିଛି । ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ।

# ଏସଆଇଆର : ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ପାଇଁ ସୁଯୋଗ

ଭୁବନେଶ୍ୱର,୬।୧୦(ମହାଭାରତ): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ବୁଧବାର ଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ଅକ୍ଟୋବର ୭ ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା ।

ଯେଉଁ ଯୁବକ-ଯୁବତୀମାନେ ୧।୧୦।୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ । ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ । ଏଥିସହିତ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ ।

ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ଉରଙ୍ଗ ଙଯସସ୍ପଷବଙ୍କ ୱେବସାଇଟରେ ଉପଲବ୍ଧ କରାଯିବ ।ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ ।

ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ । ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଞ୍ଚ କରି ଆବଶ୍ୟକ ଦାବି ଓ ଆପତ୍ତି ଦାଖଲ କରିପାରିବେ ।ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଣ୍ଟ୍ରି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥ୍ ?ସ୍ତରୀୟ ଅଧିକାରୀ ଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବି ଏଲ ଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଞ୍ଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟର ଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ତେଣୁ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି ।

# ପେସାଦାର ଅପରାଧୀ 'ସାଲୁ' ଘରେ ବୁଲିଲା ବୁଲ୍‌ଡୋଜର



ଭୁବନେଶ୍ୱର,୬।୧୦(ମହାଭାରତ): ଭୁବନେଶ୍ୱରର ପେସାଦାର ଅପରାଧୀ 'ସାଲୁ' ଓରଫ ଦେବାଶିଷ ନାୟକ ଘରେ ବୁଲିଲା ବୁଲଡୋଜର । ଶୈଳଶ୍ରୀ ବିହାରର ଏଫଆର କଲୋନୀରେ ଥିବା ତା'ର ଘରକୁ ବିଏମ୍ ?ସି ସହିତ ମିଶି ଉଚ୍ଛେଦ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ ।

ସାଲୁ ଏକାଧିକ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଥିବା ବେଳେ କମିଶନରେଟ୍ ପୁଲିସ ପକ୍ଷରୁ ନିଆଯାଇଛି ଏହି ପଦକ୍ଷେପ । ତା' ନାଁରେ ୧୦ ରୁ ଅଧିକ ହଣାକଟା ମାମଲା ରହିଥିବା ବେଳେ ଅପରାଧୀଙ୍କ ପ୍ରତି କମିଶନରେଟ୍ ପୁଲିସର ଜିରୋ ଟଲରେନ୍ସ ନୀତି ଅନୁସାରେ ନିଆଯାଇଛି ଏହି ପଦକ୍ଷେପ । ସୂଚନାଯୋଗ୍ୟ, କିଛି ଦିନ ତଳେ ନବରଙ୍ଗପୁର ତହସିଲ ଅନ୍ତର୍ଗତ ସାନକୁସୁମୀ ଗାଁରେ ସରକାରୀ ଜମିରେ ଥିବା କୁଖ୍ୟାତ ଡକାୟତ ଟୁନା ହରିଜନଙ୍କ ଘରେ ଚାଲିଥିଲା ବୁଲଡୋଜର । ଟୁନାଙ୍କ ଘର ଓ ଷ୍ଟଲକୁ ଭାଙ୍ଗି ଦେଇଥିଲା ସେଠାକାର ପ୍ରଶାସନ । ୩ ଦିନିଆ ନୋଟିସ୍ ଜାରି କରାଯାଇ ତା' ଘର ଉଚ୍ଛେଦ କରାଯାଇଥିଲା । ଟୁନା ହରିଜନ ବର୍ତ୍ତମାନ ଜେଲରେ ଥିବା ସୂଚନା ମିଳିଛି । ତାଙ୍କ ନାଁରେ ଅବିଭକ୍ତ କୋରାପୁଟ ଜିଲ୍ଲା ସହିତ କଳାହାଣ୍ଡି ଏବଂ ଛତିଶଗଡ଼ର ଜଗଦଲପୁର ଅଞ୍ଚଳରେ ଡକାୟତି ଓ ଚୋରି ସମେତ ୪୦ରୁ ଅଧିକ ମାମଲା ରହିଛି । ନିକଟ ଅତୀତରେ କୋରାପୁଟ ଜିଲ୍ଲାର ବୋଡିଗୁମ୍ମା ପୁଲିସ ପାଟ୍ରୋଲିଂ ଗାଡ଼ି ଉପରକୁ ସେ ଗୁଳି ଚଳାଇଥିବା ନେଇ ମଧ୍ୟ ଅଭିଯୋଗ ରହିଛି । ଏହାପରେ ଛତିଶଗଡ଼ର ଜଗଦଲପୁରରେ କୋରାପୁଟ ପୁଲିସ ତାଙ୍କୁ ଗିରଫ କରିଥିଲା ।

## ଅଙ୍ଗାର ମୋତି ମନ୍ଦିର

ଛତିଶଗଡ଼ ରାଜ୍ୟର ଗଙ୍ଗରେଲ ବନ୍ଧ ବନ କ୍ଷେତ୍ର ସ୍ଥିତ ମା ଅଙ୍ଗାହ ମୋତିଙ୍କ ମନ୍ଦିର ଆସ୍ଥା ଓ ବିଶ୍ୱାସର ପ୍ରମୁଖ କେନ୍ଦ୍ର ଅଟେ । କୁହାଯାଏ ଯେ, ସନ୍ତାନ ସୁଖରୁ ବଂଚିତ ମହିଳାମାନେ ଏଠାକୁ ଆସି ମାଙ୍କ ଆଶୀର୍ବାଦରେ ଗର୍ଭବତୀ ହୋଇଥାନ୍ତି । ମନସ୍କାମନା ପୂର୍ଣ୍ଣ ହେବା ପରେ ମା'ଙ୍କୁ ବଳିଦାନର ପ୍ରଥ ମଧ୍ୟ ଏଠାରେ ରହିଛି । ଜିଲ୍ଲା ମୁଖ୍ୟାଳୟ ଧମତରୀରୁ ୧୨ କି.ମି. ଦୂର ମହାନଦୀ ଉପରେ ଗଙ୍ଗରେଲ ବନ୍ଧ । ବନ୍ଧ ପାର୍ଶ୍ୱରେ ଏକ ଜଙ୍ଗଲ ରହିଛି, ଯେଉଁଠି ମା ଅଙ୍ଗାର ମୋତିଙ୍କ ମନ୍ଦିର ରହିଛି । ମା' ଅଙ୍ଗାର ମୋତି ଆଦିବାସୀ ସଂପ୍ରଦାୟର ଦେବୀ ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ସେଥିପାଇଁ ମନ୍ଦିରର ପୂଜାରୀ ଆଦିବାସୀ ସଂପ୍ରଦାୟର ଅଟନ୍ତି । ଅଙ୍ଗିରା ଋଷିଙ୍କ ପୁତ୍ରୀ ହେଉଛନ୍ତି ଅଙ୍ଗାରମୋତି, ଯିଏ ଧରିତ୍ରୀରେ ପ୍ରକଟ ହୋଇଥିଲେ ।



..... ପରଦା ଖବର .....

# ବହୁପୁରାତନ ଶିବଲିଙ୍ଗ

ଆଲୋଚ୍ୟ ଶିବଲିଙ୍ଗ ପଛରେ ଲୁଚି ରହିଛି ବିଜ୍ଞାନ । ବିଭିନ୍ନ ସ୍ଥାନରେ ଅନେକ ପ୍ରକାରର ଶିବଲିଙ୍ଗ । ଏହାର ଆକୃତି ଏହାର ପ୍ରକୃତି ଏହାର ନାମ ସବୁଥାଏ ପରସ୍ପରଠୁ ଅଲଗା । କେମିତି କିପରି ଚାଲନ୍ତୁ ଆଜି ଜାଣିବା..

ଶିବଲିଙ୍ଗ ପଛରେ ଲୁଚି ରହିଛି ବିଜ୍ଞାନ । ଦୁନିଆରେ ଅଛି ଅନେକ ପ୍ରକାରର ଶିବଲିଙ୍ଗ । ଏହାର ଆକୃତି ଏହାର ପ୍ରକୃତି ଏହାର ନାମ ସବୁଥାଏ ପରସ୍ପରଠୁ ଅଲଗା । କେମିତି କିପରି ଚାଲନ୍ତୁ ଜାଣିବା.. ଆମେ ସମସ୍ତେ ଭଗବାନ ଶିବଙ୍କ ପୂଜା କରିଥାଉ । ଶିବଲିଙ୍ଗ ଉପରେ ଜଳ ମଧ ଚଢ଼ାଉ । ଯେମିତି ପ୍ରଭୁ ଆମ ଇଚ୍ଛା ପୂର୍ଣ୍ଣ କରିବେ । କଣ ଜାଣିଛନ୍ତି ଭଗବାନ ଶିବଙ୍କ ଏହି ପବିତ୍ର ପ୍ରତୀକର ମଧ ଗୋଟିଏ ବିଜ୍ଞାନ ଅଛି । ତେବେ ଏହା ବିଭିନ୍ନ ପ୍ରକାରର ତଥା ଆକୃତିର ହୋଇଥାଏ । ଯାହାର ନାମ ମଧ ଭିନ୍ନ ରହିଛି । କେବଳ ଏତିକି ନୁହେଁ ଶିବଲିଙ୍ଗର ଉପର ଭାଗରୁ ତଳ ଭାଗ ପର୍ଯ୍ୟନ୍ତ ସବୁ ଭାଗର ଅର୍ଥ ଅଲଗା ଅଲଗା ଥାଏ ।

କଣ କେବେ ଭାବିଛନ୍ତି ଯେଉଁ ଶିବଲିଙ୍ଗଙ୍କୁ ଆମେ ପୂଜା କରୁଛେ । ପ୍ରକୃତରେ ତାହା ପଛରେ ଥିବା ବିଜ୍ଞାନ ଏହିପରି । ଶିବଲିଙ୍ଗର ରହିଛି ତିନୋଟି ଭାଗ । ପ୍ରଥମ ଭାଗ ଯାହାକି ପୂରା ତଳ ଭାଗ ଭୂମିରେ ରହିଥାଏ । ମଧ ଭାଗରେ ସବୁ ଦିଗରୁ ସମାନ ଆକାରର ହୋଇଥାଏ । ଶେଷରେ ଶୀର୍ଷ ଭାଗ ଯାହାକି ଅଣ୍ଡାକାର ହୋଇଥାଏ । ଯାହାର ପୂଜା ହୁଏ । ଯାହା ଉପରେ ବେଲପତ୍ର, ଫୁଲ , କ୍ଷୀର ଚନ୍ଦନ ଓ ଜଳ ଅର୍ପଣ ହୁଏ । ଏହି ଶିବଲିଙ୍ଗ ର ଉଚ୍ଚତା ସମ୍ପୂର୍ଣ୍ଣ ମଣ୍ଡଳ ବା ପରିଧିର ଏକ ତୃତୀୟାଂଶ ହୋଇଥାଏ ।

ଏହି ୩ ଟି ଭାଗରେ ବ୍ରହ୍ମା ତଳ ଭାଗରେ , ମଧ ଭାଗରେ ବିଷ୍ଣୁ, ଶୀର୍ଷରେ ଶିବଙ୍କ ଉପସ୍ଥିତି ଅଛି ବୋଲି ବିଶ୍ୱାସ ଅଛି । ଶୀର୍ଷ ଉପରେ ଜଳ ଅର୍ପଣ କରାଯାଏ । ଯାହା ତଳ ଭାଗରେ ହୋଇଥିବା ମାର୍ଗରେ ଅତିକ୍ରମ କରେ । ଶିବଙ୍କ



ମଥାରେ ତିନୋଟି ରେଖା ମାତେ ତ୍ରିପୁଣ୍ଡ ଓ ଗୋଟିଏ ବିନ୍ଦୁ ଅଛି । ଏହା ସମାନ ଭାବରେ ଅଙ୍କା ଯାଇଥାଏ ।

ସମସ୍ତ ଶିବ ମନ୍ଦିରରେ ଗର୍ଭଗୃହରେ ଗୋଲାକାର ଆଧାର ଭିତରେ ଅଣ୍ଡାକାର ଶିବଲିଙ୍ଗ ରହିଥାଏ । ପ୍ରାଚୀନ ଋଷି ମୁନିଙ୍କ ଦ୍ୱାରା ବ୍ରହ୍ମାଣ୍ଡର ବୈଜ୍ଞାନିକ ରହସ୍ୟକୁ ବୁଝି ଏହାର ସତ୍ୟତା ପ୍ରକଟ କରିବା ପାଇଁ ସ୍ୱଷ୍ଟୀକରଣ କରାଯାଇଛି ।

ଇତିହାସକୁ ଦେଖିଲେ ପ୍ରଥମେ ପ୍ରାଚୀନ ସହର ମେସୋପୋଟାମିଆ ଓ ବେବିଲୋନରେ ଶିବଲିଙ୍ଗ ର ପୂଜା ଆରମ୍ଭ କରାଯାଇଥିଲା । ଏହାପରେ ମହେନଜୋଦା ହରପ୍ପାର ବିକଶିତ ସଂସ୍କୃତିରେ ମଧ ଶିବଲିଙ୍ଗର ପୂଜା କରାଯାଇଥିବାର ସୂଚନା ମିଳିଛି । ଏହାର ଅବଶେଷ ମଧ ଆପଣ ଦେଖିବାକୁ ପାଇବେ । ସଭ୍ୟତାର ଆରମ୍ଭରେ ଲୋକଙ୍କ ଜୀବନ ପଶୁ ଓ ପ୍ରକୃତି ଉପରେ ନିର୍ଭର ଥିଲା । ଏହି କାରଣରୁ ପଶୁଙ୍କ ସଂରକ୍ଷକ ଦେବତା ଭାବେ ପଶୁପତି ନାଥଙ୍କ ପୂଜା କରାଯାଉଥିଲା । ସନ୍ଧୈବ ସଭ୍ୟତାରେ ଏକ ପଥରରେ ତିନି ମୁହଁ ଥିବା ଏକ ପୁରୁଷ ଦେଖାଯାଇଥିଲା । ଯାହାର ଆଖପାଖରେ ଅନେକ ପଶୁପକ୍ଷୀ ଥିବାର ଦେଖିବାକୁ ମିଳିଥିଲା । ଏହି କାରଣରୁ ଭଗବାନ ଶିବଙ୍କ ଉପସ୍ଥିତି ଓ ପୂଜାକୁ ମନାଯାଏ ।

ତେବେ ସାଧାରଣ ଭାବେ ପ୍ରମୁଖ ରୂପେ ଶିବଲିଙ୍ଗ ଦୁଇ ପ୍ରକାରର ହୋଇଥାଏ । ପ୍ରଥମ ଆକାଶୀୟ ବା ଉଲକା ଶିବଲିଙ୍ଗ ଓ ପାରଦ ଶିବଲିଙ୍ଗ । ତେବେ ପୁରାଣ ଅନୁସାରେ ଏହା ପ୍ରମୁଖ ରୂପେ ୬ ପ୍ରକାରର ହୋଇଥାଏ ।

-ଦେବ ଲିଙ୍ଗ: ଯାହାର ଦେବତା ତଥା ଅନ୍ୟ ପ୍ରାଣୀ ଦ୍ୱାରା ସ୍ଥାପିତ କରାଯାଇଛି । ଏହାକୁ ଦେବଲିଙ୍ଗ କୁହାଯାଇଛି ।

-ଅସୁର ଲିଙ୍ଗ:ଅସୁରଙ୍କ ଦ୍ୱାରା ପୂଜା କରାଯାଉଥିବା ଲିଙ୍ଗ । ରାବଣ ଏକଦା ଶିବଲିଙ୍ଗ ସ୍ଥାପିତ କରିଥିଲା । ଯାହାକି ଅସୁର ଶିବ ଲିଙ୍ଗ ।

ଅର୍ଶ ଲିଙ୍ଗ: ପ୍ରାଚୀନ କାଳରେ ଅଗସ୍ତ୍ୟ ମୁନି ଭଳି ସନ୍ଥଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଲିଙ୍ଗ । ପୁରାଣ ଲିଙ୍ଗ:ପୈରାଣିକ କାଳର ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଶିବଲିଙ୍ଗ । ମନୁଷ୍ୟ ଲିଙ୍ଗ:ପ୍ରାଚୀନ କାଳ ତଥା ମଧକାଳରେ ଐତିହାସିକ ମହାପୁରୁଷ, ଧନୀ ତଥା ରାଜା ମହାରାଜାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଲିଙ୍ଗ । ସ୍ୱୟଂଭୁ ଲିଙ୍ଗ: ଯେଉଁ ଲିଙ୍ଗ ଆପେ ଆପେ ପ୍ରକଟ ହୋଇଛି । ଏହାକୁ ସ୍ୱୟଂଭୁ ଶିବଲିଙ୍ଗ କୁହାଯାଏ । ଭାରତରେଏହାର ମାତ୍ର ଖୁବ ଅଧିକ ରହିଛି । କଦାବୁଲ ମନ୍ଦିରରେ ୩୨୦ କିଲୋଗ୍ରାମ, ୩ ଫୁଟ ଉଚ୍ଚା ସ୍ୱୟଂଭୁ ସ୍ଫଟିକ ଶିବଲିଙ୍ଗ ରହିଛି । ଏହା ସବୁଠୁ ବଡ଼ ସ୍ଫଟିକ ଶିବଲିଙ୍ଗ ।

## ଏହିସବୁ ରଙ୍ଗ ଘରକୁ ଦେଇଥାଏ ବଢିଆ ଲୁକ୍



ଘରର ବାହାରର ରଙ୍ଗ ପାଇଁ ଅନେକ ଲୋକ ଅନ୍ୟମାନଙ୍କ ପରାମର୍ଶ ନିଅଁ । କିଂ ଅନେକ ଘରର ଭିତରର ରଙ୍ଗକୁ ଏତେ ଧ୍ୟାନ ଦିଅଁ ନାହିଁ । ତେବେ ରଙ୍ଗ ବାଛି ନଜାଣିଲେ ଯେତେ ସୁନ୍ଦର ଡିଜାଇନରର ଘର ହୋଇଥିଲେ ବି ତାହା ଆଖିକୁ ଭଲ ଦିଶେ ନାହିଁ । ଘରର ଭିତରର ରଙ୍ଗ ପାଇଁ କେହି କେହି କଲର ଡିଜାଇନରଙ୍କ ପରାମର୍ଶ ନିଅଁ । ତେବେ ସେମାନଙ୍କ ବିନା ସହାୟତାରେ ମଧ୍ୟ ଆପଣ ଘର ପାଇଁ ସଠିକ୍ ରଙ୍ଗ ବାଛି ପାରିବେ । ତା'ହେଲେ ଆସଂ ଜାଣିବା ଘରର କେଉଁ ରୁମରେ କେଉଁ ରଙ୍ଗ ଦେବା ଉଚିତ୍ ।

୧- ରୋଷେଇ ଘରେ ଲାଲ କିମ୍ବା କମଳା ରଙ୍ଗ କରଂ ।

୨- ବାଥରୁମରେ ଧଳା କିମ୍ବା ହାଲକା ନୀଳ ରଙ୍ଗ କରଂ ।

୩- ଗେଷ୍ଟଙ୍କ ପାଇଁ ଡ୍ରଇଂ ରୁମ୍ ଆକର୍ଷଣୀୟ ହେବା ଆବଶ୍ୟକ । ଏଥିପାଇଁ ଡ୍ରଇଂ ରୁମ୍‌ରେ ସ୍କାଏ,କ୍ରୀମ୍ କିମ୍ବା ହାଲକା ରଙ୍ଗ କଲେ ମଡର୍ଣ୍ଣ ଲୁକ୍ ଦେଇଥାଏ ।

୪- ଠାକୁର ଘରେ ହଳଦିଆ କିମ୍ବା ହାଲକା ହଳଦିଆ ରଙ୍ଗ କଲେ ଭଲ ଲାଗିବ ॥

୫- ପିଲାଙ୍କ ପାଠପଢା ଘରକୁ ସବୁଜ ରଙ୍ଗ କରଂ ।

୬- ବେଡରମକୁ ଗୋଲାପୀ ରଙ୍ଗ, ଲାଇଟ୍ ଗ୍ରୀନ କିମ୍ବା କୌଣସି ହାଲକା ରଙ୍ଗ କରଂ ।

# ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?

ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର । ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି । ସେମାନଙ୍କ କଷ୍ଟକୁ ହରଣ କରନ୍ତି । ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ । ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି । ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ କୁହାଯାଇଥାଏ । ସନତାନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧରେ ଭଗବାନ



ଶଙ୍କରଙ୍କ ସ୍ଥାନ ରହିଛି । ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ କୁହାଯାଇଥାଏ । ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ ହୋଇଥାନ୍ତି । ସବୁ ଦେବତାଙ୍କ ମଧରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ । ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ । ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ । ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ । ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା । ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ ।

# ଆତ୍ମପ୍ରଶଂସାର କୁଫଳ



ମହାରାଜା ଯଯାତି ଦୀର୍ଘକାଳ ଧରି ରାଜ୍ୟଶାସନ କରିଥିଲେ । ସାଂସାରିକ ଭୋଗବିଳାସ ପ୍ରତି ବିତୃଷ୍ଣା ଆସିବାରୁ ପୁତ୍ର ପୁରୁ ହାତରେ ରାଜ୍ୟଭାର ଅର୍ପଣ କରି ଜଙ୍ଗଲକୁ ଚାଲିଯାଇଥିଲେ ତପସ୍ୟା ନିମିତ୍ତ । କ୍ରୋଧଜୟୀ ଯଯାତି ବାନପ୍ରସ୍ଥ ବ୍ରତ ଅବଲମ୍ବନ ଦୀର୍ଘକାଳ ଧରି କୃଚ୍ଛ୍ର ସାଧନା କରିଥିଲେ । ତପସ୍ୟା ଥିଲା ଅତି କଠୋର, କେବଳ ଜଳଗ୍ରହଣ କରି, ପରବର୍ତ୍ତୀ ସମୟରେ ବାୟୁ ସେବନ କରି ତଥା ଗୋଟିଏ ଗୋଡ଼ରେ ଠିଆ ହୋଇ ଦୀର୍ଘକାଳ ତପସ୍ୟା କରିଥିଲେ । ତପସ୍ୟା ପ୍ରଭାବରୁ ସ୍ୱର୍ଗଲୋକ ପ୍ରାପ୍ତି ହୋଇଥିଲେ ଯଯାତି । କେତେବେଳେ ସେ ଦେବତାଙ୍କ ସହ ସ୍ୱର୍ଗଲୋକରେ ରହୁଥିଲେ ତ କେତେବେଳେ ବ୍ରହ୍ମଲୋକରେ ବିଚରଣ କରୁଥିଲେ । ତାଙ୍କର ଏଭଳି ଅବାଧ ବିଚରଣ ଦେବତାମାନଙ୍କ ଈର୍ଷାର କାରଣ ହୋଇଥିଲା । ଯଯାତି ଯେତେବେଳେ ଦେବରାଜ ଇନ୍ଦ୍ରଙ୍କ ନିକଟକୁ ଯାଉଥିଲେ ସେତେବେଳେ ତାଙ୍କସହ ଇନ୍ଦ୍ରଙ୍କ ଆସନ (ସିଂହାସନ)ରେ ବସୁଥିଲେ । ଦେବରାଜ ଇନ୍ଦ୍ର ଏହି ପରମ ପୁଣ୍ୟାତ୍ମାଙ୍କୁ ଆପଣାଠାରୁ ନୀଚ ଆସନ ଦେବାକୁ ଚାହୁଁ ନଥିଲେ, ହେଲେ ମୃତ୍ୟୁଲୋକରୁ ଆସିଥିବା ଜଣେ ବ୍ୟକ୍ତି ଆପଣା ସିଂହାସନରେ, ପୁଣି ତାଙ୍କ ନିକଟରେ ବସିବାକୁ ସେ ଆଦୌ ପସନ୍ଦ କରୁନଥିଲେ । ଏହା ତାଙ୍କୁ ବହୁତ ଅସୁଖ ଲାଗୁଥିଲା । ଦେବରାଜ ଭାବରେ ସେ ଏହାକୁ ନିଜ ପ୍ରତି ଘୋର ଅପମାନ ବୋଲି ବିଚାରୁଥିଲେ । ଦେବତାମାନେ ମଧ ସର୍ବଦା ଭାବୁଥିଲେ କେଉଁ ପ୍ରକାରେ ଯଯାତିଙ୍କୁ ସ୍ୱର୍ଗଚ୍ୟୁତ କରାଯାଇପାରେ । ଦେବତାମାନଙ୍କ ଏତାଦୃଶ ମନୋଭାବ ଇନ୍ଦ୍ରଙ୍କୁ ଅଗୋଚର ନଥିଲା ।

ଦେବରାଜ ଶେଷରେ ମନେମନେ ଏକ ଯୋଜନା ପାଞ୍ଚିଲେ । ସେଦିନ ସିଂହାସନରେ ଇନ୍ଦ୍ରଙ୍କ ନିକଟରେ ଯଯାତି ବସିଥାନ୍ତି । ଯଯାତିଙ୍କୁ ପ୍ରଲୁବ୍ଧ କରିବା ପାଇଁ ଇନ୍ଦ୍ର ଅତି ମଧୁର ସ୍ୱରରେ ତାଙ୍କର ଢ଼େର୍ ପ୍ରଶଂସା କରିଥିଲେ । କହିଥିଲେ- ଆପଣ ପରମ ପୁଣ୍ୟାତ୍ମାମାନଙ୍କ ମଧରୁ ଅନ୍ୟତମ । ଆପଣଙ୍କ ସରି ଭଲା କିଏ ହୋଇପାରିବ । ମୁଁ ଜାଣିବାକୁ ଚାହୁଁଛି ଆପଣ ଏପରି କି ତପସ୍ୟା କଲେ ଯେ ଯାହାଫଳରେ ଆପଣ ଇନ୍ଦ୍ରଲୋକ ଓ ବ୍ରହ୍ମଲୋକରେ ଅବାଧ ବିଚରଣ କ୍ଷମତା ପାଇଲେ । ଇନ୍ଦ୍ରଙ୍କଠାରୁ ଏଭଳି ତୋଷାମୋଦପୂର୍ଣ୍ଣ ବାକ୍ୟ ଶୁଣି ଯଯାତି ଭୁଲିଗଲେ ଯେ ମଧୁର ବାଣୀର ଜାଲରେ ସେ ଛନ୍ଦିହେବାକୁ ଯାଉଛନ୍ତି ବୋଲି । ନିଜର ତପସ୍ୟା ଓ ସାଧନା ନେଇ ସ୍ୱୟଂ ଦେବରାଜଙ୍କଠାରୁ ଢ଼େର ପ୍ରଶଂସା ଶୁଣି କହି ପକାଇଲେ- 'ଦେବରାଜ ! ଦେବତା, ମନୁଷ୍ୟ, ଗନ୍ଧର୍ବ, କିନ୍ନର ମୁନିଋଷି କେହି ବି ମୋ ଭଳି ତପସ୍ୟା କରିବାର ଆପଣ ଦେଖି ନଥିବେ କି ଶୁଣିନ ଥିବେ ।' ବାସ୍, କଥା ଶେଷ ହେବା ପୂର୍ବରୁ ଇନ୍ଦ୍ରଙ୍କ ମୁହଁର ଭାବ ବଦଳି ଯାଇଥିଲା । କଠୋର ସ୍ୱରରେ କହିଥିଲେ- 'ଯଯାତି ! ମୋର ଆସନରୁ ଅବିଳମ୍ବେ ଉଠିଯାଅ । ତୁମେ ନିଜ ମୁହଁରେ ନିଜର ଢ଼େର ପ୍ରଶଂସା ବଖାଣିଲଣି । ଏହାଦ୍ୱାରା ତୁମର ସକଳ ପୁଣ୍ୟ ନଷ୍ଟ ହୋଇଗଲା । ଯାହାକୁ ନେଇ ତୁମେ ଚର୍ଚ୍ଚା କରୁଛ । ଦେବତା, ଗନ୍ଧର୍ବ, ମୁନିଋଷିମାନେ କିଏ କେତେ ତପ କରିଛନ୍ତି ତାହା ନଜାଣି ତୁମେ ସେମାନଙ୍କୁ ଆକ୍ଷେପ, ତିରସ୍କାର କଲ । ନିଜକୁ ବଡ଼ବୋଲି ଦେଖାଇବାକୁ ଯାଇ ସେମାନଙ୍କ ତପସ୍ୟାକୁ ନ୍ୟୂନଦୃଷ୍ଟିରେ ଦେଖିଲ । ଏହି କାରଣରୁ ତୁମେ ଏବେ ସ୍ୱର୍ଗଚ୍ୟୁତ ହେବ ।' ଇନ୍ଦ୍ର ଏହା କହିବା ମାତ୍ରେ ଯଯାତି ସ୍ୱର୍ଗଚ୍ୟୁତ ହୋଇ ଯାଇଥିଲେ । ହେଲେ ଯଯାତିଙ୍କ ଆକୁଳ ଅନୁନୟ ବିନୟରେ ଦେବରାଜ ଇନ୍ଦ୍ର ଏକ ସର୍ତ୍ତ ରଖିଥିଲେ ସେ ସତ୍ ପୁରୁଷଙ୍କ ମଣ୍ଡଳୀରେ ପତିତ ହେବେ ଓ ସତସଙ୍ଗ ପ୍ରାପ୍ତିର ପରିଣାମରେ ପୁନଃ ସ୍ୱର୍ଗଲୋକ ଯିବେ ।

# ତୁଳସୀ ଗଛ ଆଣିଥାଏ ସୁଖ-ସମୃଦ୍ଧି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଗଛ ଲଗାଇବା ଦ୍ୱାରା ସାକରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ସେହିପରି ବାସ୍ତୁରେ ବିଭିନ୍ନ ଗଛଲତାର ଏକ ସ୍ୱତନ୍ତ୍ର ମହତ୍ୱ ରହିଥାଏ । ଯେପରି ତୁଳସୀ ଗଛ ବାସ୍ତୁ ଦୋଷ ଦୂର କରିଥାଏ । ଏଥିପାଇଁ ତୁଳସୀ ଗଛ ଘରର ସେହି ସ୍ଥାନରେ ନିଶ୍ଚୟ ରଖିବା ଉଚି ଯେଉଁଠାରେ ବାସ୍ତୁ ଦୋଷ ରହିଥିବ । ଆସନ୍ତୁ ଜାଣିବା ତୁଳସୀ ଗଛ ସହ ଜଡ଼ିତ ବାସ୍ତୁ ଟିପ୍ସ ।

ତୁଳସୀ ଗଛ ପାଇଁ ଉତ୍ତର,ଉତ୍ତର-ପୂର୍ବ କିମ୍ବା ପୂର୍ବ ଦିଗ ବାଛିବା ଉଚିତ । ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ଏବଂ ନକରାତ୍ମକ ଶକ୍ତି ଦୂର ହୋଇଯାଇଥାଏ ।

ଅନେକ ଲୋକ ତୁଳସୀ ଗଛକୁ ଘର ଅଗଣାର କେନ୍ଦ୍ରରେ ରଖି ଦେଇଥାନ୍ତି କିନ୍ତୁ ବାସ୍ତୁ ଅନୁସାରେ ତୁଳସୀ ଗଛକୁ ସବୁବେଳେ ଘରର ଯେକୌଣସି କୋଣରେ ରଖିବା ଉଚିତ ।

ଯଦି ଆପଣ ଘରେ ଗୋଟିଏରୁ ଅଧିକ ତୁଳସୀ ଗଛ ଲଗାଇଥାନ୍ତି ତେବେ ଧାନ ରଖନ୍ତୁ ଯେ, ଆପଣଙ୍କୁ ୩,୫,୭ ଯୁଗ୍ମ ସଂଖ୍ୟାରେ ତୁଳସୀ ଗଛ ଲଗାଇବା ଉଚିତ ।



ଯେଉଁଠାରେ ତୁଳସୀ ଗଛ ଲଗା ହୋଇଥିବ ସେଠାରେ ଭୁଲରେ ମଧ ଝାଡ଼ୁ କିମ୍ବା ଡଷ୍ଟବିନ୍ ରଖିବା ଅନୁଚିତ । ତୁଳସୀକୁ ଦେବତୁଲ୍ୟ କୁହାଯାଏ । ବାସ୍ତୁ ଦୃଷ୍ଟିରୁ ତୁଳସୀ ବହୁତ ଶୁଭ ଗଛ ଅଟେ ।

ଘରେ ସୁଖ ସମୃଦ୍ଧି ପାଇଁ ତୁଳସୀ ଗଛରେ ସନ୍ଧ୍ୟା ବେଳେ ଦୀପ ଜଳାନ୍ତୁ । ଏଥିରେ ମା ଲକ୍ଷ୍ମୀଙ୍କ କୃପା ରହିଥାଏ ।

ଘରେ ଐଶାନ୍ୟ କୋଣରେ କୌଣସି ଧରଣର ବାସ୍ତୁ ଦୋଷ ଥିଲେ ଏହି ଦିଗରେ ତୁଳସୀ ଗଛ ଲଗାଇବା ଉଚିତ ।

# ଇକୋ-ଟୁରିଜମ୍ ପ୍ରକଳ୍ପ ସହ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

ଭୁବନେଶ୍ୱର,୬।୧୦ (ମହାଭାରତ): ବନ୍ୟପ୍ରାଣୀ ସଂରକ୍ଷଣ, ବୈଜ୍ଞାନିକ ଗବେଷଣା, ପରିବେଶ ସଚେତନତା ଓ ଦାୟିତ୍ୱପୂର୍ଣ୍ଣ ଇକୋ-ଟୁରିଜମ୍ କୁ ଅଧିକ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଓଡ଼ିଶାରେ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ-୨୦୨୬ ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ଯୋଗଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ, ବନ୍ୟପ୍ରାଣୀ ସପ୍ତାହ କେବଳ ବନ୍ୟପ୍ରାଣୀଙ୍କ ପ୍ରତି ଆମର ଭଲପାଇବା ପ୍ରକାଶ କରିବାର ଏକ ଅବସର ନୁହେଁ, ବରଂ ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ନୂଆ ସଂକଳ୍ପ ନେବାର ଅବସର। ଗତ ଦୁଇ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ସଫଳତା ପଛରେ ବୈଜ୍ଞାନିକ ଦୃଷ୍ଟିକୋଣ, ଆଧୁନିକ ପ୍ରଯୁକ୍ତି, ଦୃଢ଼ ପ୍ରଶାସନିକ ପଦକ୍ଷେପ ସହିତ ବନ କର୍ମଚାରୀ ଓ ସ୍ଥାନୀୟ ସମୁଦାୟଙ୍କର ନିଷ୍ଠାପୂର୍ଣ୍ଣ ଅବଦାନ ରହିଛି। କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ଶାଖାର ବିଭିନ୍ନ ସଫଳତା ଏବଂ ସପ୍ତାହବ୍ୟାପୀ ବନ୍ୟପ୍ରାଣୀ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଚିଫ୍ ମିନିଷ୍ଟରସ ଗ୍ରାଂଟ୍ ଫର୍ ରିସର୍ଚ୍ଚ ଅନ୍ ଓଡ଼ିଶାଜ୍ ୱାଇଲ୍ଡଲାଇଫ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଶାର ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ବୈଜ୍ଞାନିକ ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ଗବେଷଣାଭିତ୍ତିକ ସଂରକ୍ଷଣ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ।



ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଓଡ଼ିଶାର ବିଭିନ୍ନ ଦିବସୀୟ ଇକୋ-ଟୁରିଜମ୍ ଗନ୍ତବ୍ୟସ୍ଥଳର ଅନଲାଇନ୍ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଚନ୍ଦକା ବନ୍ୟପ୍ରାଣୀ ବିଭାଗର ପିକକ୍ ଭ୍ୟାଲି ଓ ନାଗେଶ୍ୱର ଡ୍ୟାମ୍, ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବିଭାଗର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଚିଲିକା ବନ୍ୟପ୍ରାଣୀ ବିଭାଗର କରଖୋଲ, ସମ୍ବଲପୁର ଚିଡ଼ିଆଖାନା ଏବଂ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ପରିଦର୍ଶକ ସୁବିଧା ଆଦି ସାମିଲ ରହିଛି। ଏହାସହ ଚିଲିକାର ରାଜହଂସ, କୋରାପୁଟ ବନ ବିଭାଗର ରାଣୀ ଡୁଡୁମା, ମହାନଦୀ ବନ୍ୟପ୍ରାଣୀ ବିଭାଗର ବଡ଼ମୂଳ, ରାଜନଗର ବନ୍ୟପ୍ରାଣୀ ବିଭାଗର ପେଣ୍ଠା ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୱାକ୍-ଥ୍ରୁ ଏଭିଆରୀ ସମ୍ପ୍ରସାରଣ, ଅଷ୍ଟ୍ରେଲିଆନ୍ ଆଡଭେଂଚର୍ ବିକାଶ ଓ ଭେଟେରିନାରୀ ହସ୍ପିଟାଲ୍ ସମ୍ପ୍ରସାରଣ ପାଇଁ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ "ଦ ବାୟୋଡାଇଭର୍ସିଟି ଅଫ୍ ଇଷ୍ଟର୍ନ ଘାଟ୍ସ" ଚଳଚ୍ଚିତ୍ରର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଶାର ସମୃଦ୍ଧ ଜୈବବିବିଧତା ଓ ପୂର୍ବଘାଟର ପରିବେଶୀୟ ଗୁରୁତ୍ୱକୁ ଉପସ୍ଥାପନ କରୁଥିବା ଏହି ଚଳଚ୍ଚିତ୍ର ସହ "ଦ ଇଂଟରଟାଇଡାଲ୍ ଇକୋସିଷ୍ଟମ୍ ଅଫ୍ ଭିତରକନିକା" ଚଳଚ୍ଚିତ୍ର ମଧ୍ୟ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ "ୱାଇଲ୍ଡଲାଇଫ୍ ଓଡ଼ିଶା – ୨୦୨୬", "ଦ ଲଙ୍ଗ୍ ୱାକ୍ ଟୁ ସିମିଳିପାଳ", ଏକ୍ସପ୍ଲୋର୍ ଓଡ଼ିଶା", "ଅର୍କିଡ୍ ଜେନେରା ଅଫ୍ ଓଡ଼ିଶା ଇନ୍ ପିକ୍ଚର୍ସ", "ମହାନଦୀ ରେ ଘଡ଼ିଆଳ ର ଜୀବନୀ", "ଟ୍ରାକିଂ ଦ ଓସନ୍ ୱାଣ୍ଡରର୍ସ" ଏବଂ "ଟୁ ଫ୍ଲାମିଙ୍ଗୋସ୍ ଟୁ ଜର୍ନିଜ୍" ସମେତ ବିଭିନ୍ନ ପୁସ୍ତକ, ଗାଇଡ୍ ବୁକ୍, ବ୍ରୋସ୍ୟୁର୍ ଓ ବୈଷୟିକ ରିପୋର୍ଟ ପ୍ରକାଶିତ ହୋଇଥିଲା। ଏହି ପ୍ରକାଶନଗୁଡ଼ିକରେ ଓଡ଼ିଶାର ଜୈବବିବିଧତା, ବନ୍ୟପ୍ରାଣୀ ସଂରକ୍ଷଣ, ଇକୋ-ଟୁରିଜମ୍ ଏବଂ ବିଭିନ୍ନ ପ୍ରଜାତିର ସାଟେଲାଇଟ୍ ଟେଲିମେଟ୍ରି ଅଧ୍ୟୟନ ସମ୍ପର୍କରେ ତଥ୍ୟ ସ୍ଥାନ ପାଇଛି। ବନ୍ୟପ୍ରାଣୀ ଓ ପ୍ରକୃତି ସଂରକ୍ଷଣ ସମ୍ପର୍କିତ ରଙ୍ଗୀନ ଡାକ କାର୍ଡ ଏବଂ ସ୍ୱତନ୍ତ୍ର ଡାକ ଆବରଣ ମଧ୍ୟ ପ୍ରକାଶ କରାଯାଇଥିଲା। ଏହା ଓଡ଼ିଶାର ବନ୍ୟପ୍ରାଣୀ ଓ ଜୈବବିବିଧତାର ବିଶେଷତାକୁ ବ୍ୟାପକ ଭାବେ ପ୍ରଚାର କରିବାରେ ସହାୟକ ହେବ। ବନ୍ୟପ୍ରାଣୀ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଘର ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଅନୁଦାନ ମଞ୍ଜୁରୀ ଆଦେଶ ଓ ଚେକ୍ ବଂଟନ କରାଯାଇଥିଲା।

# ରାୟଗଡ଼ା ଡିଭିଜନରେ ଟ୍ରେନ୍ ସେବା ପ୍ରଭାବିତ

ଭୁବନେଶ୍ୱର,୬।୧୦ (ମହାଭାରତ): ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍ କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ।

ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ ୪ ଅକ୍ଟୋବରରୁ ୮ ଅକ୍ଟୋବର ପର୍ଯ୍ୟନ୍ତ ବାତିଲ ରହିବ।ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ ୩ ଅକ୍ଟୋବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ବାତିଲ ରହିବ।୪ ଅକ୍ଟୋବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ ଏବଂ ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ। ସେହିପରି ଟ୍ରେନ୍ ନମ୍ବର ୧୮୦୦୫ ହାୱଡା–ଜଗଦଲପୁର ଏକ୍ସପ୍ରେସ, ୨ ଅକ୍ଟୋବରରୁ ୭ ଅକ୍ଟୋବର, ପର୍ଯ୍ୟନ୍ତ ହାୱଡାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍ ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୦୦୬ ଜଗଦଲପୁର–ହାୱଡା ଏକ୍ସପ୍ରେସ, ୪ ଅକ୍ଟୋବରରୁ ୯ ଅକ୍ଟୋବରପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ, ୩ ଅକ୍ଟୋବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ।

# ଏନ୍‌ଏସ୍‌ଏସ୍ ଦିବସ ଉପଲକ୍ଷେ ବୃକ୍ଷରୋପଣ



ଭୁବନେଶ୍ୱର,୬।୧୦ (ମହାଭାରତ): ଏନ୍‌ଏସ୍‌ଏସ୍ ଦିବସ ଉପଲକ୍ଷେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସ୍‌ସେସ ପକ୍ଷରୁ ଗୁରୁବାର କ୍ୟାମ୍ପସ୍-୫ ଷ୍ଟାଡିୟମ୍‌ରେ "ଏକ ପେଡ୍ ମା' କେ ନାମ୍" ବାର୍ତ୍ତାକୁ ଆଧାର କରି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏନଏସଏସର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ଅଜିତ କୁମାର କୁଶୱାହ, ଏସ୍‌ପିଏସ୍‌ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ଏବଂ ଏନଏସଏସ ପ୍ରୋଗ୍ରାମ୍ କୋ-ଅର୍ଡିନେଟର ଡକ୍ଟର କମଳ ଲୋଚନ ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଶ୍ରୀ କୁଶୱାହ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ରୋପିତ ଚାରାଗୁଡ଼ିକର ଯତ୍ନ ନେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା, ସବୁଜ ପରିବେଶ ସୃଷ୍ଟି ଏବଂ ଯୁବପିଢ଼ି ମଧ୍ୟରେ ପରିବେଶ ପ୍ରତି ଦାୟିତ୍ୱବୋଧ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା। "ଏକ ପେଡ୍ ମା' କେ ନାମ୍" ବାର୍ତ୍ତା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ସବୁଜ କ୍ୟାଂପସ୍, ସୁସ୍ଥ ପରିବେଶ ଓ ସଚେତନ ସମାଜ ଗଠନର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏସ୍‌ପିଏସ୍‌ର ଡେପୁଟି ଡିନ୍ ପ୍ରଫେସର ପ୍ରତାପ କୁମାର ସାହୁ, ପ୍ରଫେସର ସୁଧୀର କୁମାର ପାଇଡିସାଟି, କ୍ଲସ୍ କୋ-ଅର୍ଡିନେଟର ଡକ୍ଟର ରୁଦ୍ର ନାରାୟଣ ସାହୁ ଏବଂ ଏନଏସଏସ୍ ପ୍ରୋଗ୍ରାମ୍ ଅଫିସର ଡକ୍ଟର ରାକେଶ ସ୍ୱାଇଁ ଉପସ୍ଥିତ ଥିଲେ।

# ପାଇପ ଜଳଯୋଗାଣ ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର,୬।୧୦ (ମହାଭାରତ): ଖୋରଧା ଜିଲ୍ଲା ତଥା ଚିଲିକା ନିର୍ବାଚନ ମଣ୍ଡଳୀରେ ପାଇପ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଚିଲିକା-ଟାଙ୍ଗୀ-ବାଣପୁର ପାଇପ୍ ଜଳଯୋଗାଣ ପ୍ରକଳ୍ପ, ବାଣପୁର ବ୍ଲକ୍ ଅନ୍ତର୍ଗତ ରାଣୀପଡ଼ା କ୍ଲଷ୍ଟର ଏବଂ ବେଗୁନିଆ-ବୋଲଗଡ଼ ପ୍ରକଳ୍ପ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ଏଥି ସହିତ ବାଲିପାଟଣା, ବାଲିଅନ୍ତା ଏବଂ ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପ ନେଇ ଆଲୋଚନା ହୋଇଥିଲା । ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପାଇପ ଯୋଗେ ସବୁ ପରିବାରକୁ ବିଶୁଦ୍ଧ ପାଇପ ଜଳ ଯୋଗାଇବା ଲକ୍ଷ୍ୟ ପୂରଣ କରିବାକୁ ହେଲେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗକୁ ନେବାକୁ ପଡ଼ିବ। ଏଥି ସହିତ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ଜବରଦଖଲ ଉଚ୍ଛେଦ ଆଦି ସମସ୍ୟାକୁ ଉପଯୁକ୍ତ କର୍ତ୍ତୃପକ୍ଷ ମାଧ୍ୟମରେ ସମାଧାନ କରିବାକୁ ପଡ଼ିବ । ଏଥି ସହିତ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ ଆଗାମୀ ୩୦ରୁ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ । ଏହା ଦ୍ୱାରା ଅଯଥା ଭଙ୍ଗାରୁଜାରୁ ମୁକ୍ତି ମିଳିବ ବୋଲି ସେ କହିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହୁରି ମଧ୍ୟ କହିଲେ ଯେ ଅନେକ ସମୟରେ ଠିକା ସଂସ୍ଥାମାନେ କାର୍ଯ୍ୟଭାର ହାତକୁ ନେବା ପରେ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକୁ ଅଯଥା ବିଳମ୍ବ କରୁଥିବା ଦେଖାଯାଉଛି । ଏସବୁ କ୍ଷେତ୍ରରେ



ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀମାନେ କାର୍ଯ୍ୟ ତଦାରଖ କରିବା ସହ ଆବଶ୍ୟକ ହେଲେ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍, ପାନୀୟ ଜଳଯୋଗାଣ ନିର୍ଦ୍ଦେଶକ ଭିନୀତ୍ ଭରଦ୍ୱାଜ, ଖୋରଧା ଜିଲ୍ଲାପାଳ ଅମୃତ ଋତୁରାଜ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ରତ୍ନାକର ସିଆଳ, ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ ଅଧିକାରୀ ଗଜାନନ ଲାଡେ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ମୁଖ୍ୟ ଯନ୍ତ୍ରୀ ମନୋରଞ୍ଜନ ଜେନା,ଚିଲିକା ବିଡିଓ ଶ୍ରୀମତୀ ପୂନମ୍ ମହାପାତ୍ର, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତି ଜ୍ୟୋସ୍ନା ବେହେରା, ବାଣପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ଅମରେନ୍ଦ୍ର ରଣସିଂହ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମସି ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଶିବିର




ଭୁବନେଶ୍ୱର,୬।୧୦ (ମହାଭାରତ): ସ୍ୱଚ୍ଛତା ହିଁ ସେବା ଅଧିନରେ ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସହିଦ ନଗର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ମୁଖ୍ୟ ଅତିଥି ଭାବେମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ସହ ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ବିରଂଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟର ତଥା ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ରାଜକିଶୋର ଦାସ, ଡେପୁଟି କମିଶନର ଶ୍ରୀମତୀ ରଶ୍ମୀରେଖା ପ୍ରଧାନ, ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁ, ହାଇଟେକ୍ ମେଡିକାଲ କଲେଜର ଉପସଭାପତ ମନୋଜ କୁମାର ଦାଶ ପ୍ରମୁଖ ମଂଚାସୀନ ଥିଲେ । ଏହି ସ୍ୱାସ୍ଥ୍ୟ ପରୀକ୍ଷା ଓ ସମ୍ବର୍ଦ୍ଧନା ଶିବିରରେ ପ୍ରାୟ ୨ ଶହରୁ ଅଧିକ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଡ୍ରାଇଭର, ହେଲଫର, ଏସ୍ ଆଇ ପ୍ରମୁଖ ଉପସ୍ଥିତ ଥିଲେ । ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱଚ୍ଛ କର୍ମୀଙ୍କୁ ମେୟର ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଭୁବନେଶ୍ୱରକୁ ଦେଶର ଏକ ସ୍ୱତନ୍ତ୍ର ସ୍ଥାନକୁ ନେବାରେ ସ୍ୱଚ୍ଛ କର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହିମାନଙ୍କ ପାଇଁ ଭୁବନେଶ୍ୱର ଦେଶର ୯ ନମ୍ବର ସ୍ଥାନରେ ରହିଛି ଏବଂ ଆଗାମୀ ଦିନରେ ଏହା ଆହୁରି ଉପରକୁ ନେବାକୁ ହେଲେ ସମସ୍ତ ଆହୁରି କଠୋର ପରିଶ୍ରମ କରିବାକୁ ଆହ୍ୱାନ ଦେଇଛନ୍ତି ମେୟର ଶ୍ରୀମତୀ ଦାସ। ଏହି କାର୍ଯ୍ୟକ୍ରମ ତିନୋଟି ଜୋନରେ ଅନୁଷ୍ଠିତ ହୋଇଥିଲା । ଏହି ସବୁସ୍ଥାନରେ ପ୍ରାୟ ୫୦୦ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଡ୍ରାଇଭର, ହେଲଫର ଆଦି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହାଇଟେକ ମେଡିକାଲ କଲେଜ ପକ୍ଷରୁ ରକ୍ତ ନମୂନା ପରୀକ୍ଷା ସହ ବିଭିନ୍ନ ବିଭାଗ ଯଥା ନାସା, କର୍ଣ୍ଣ, ଗଳା, ଚକ୍ଷୁ, ଦନ୍ତ, ଚର୍ମ, ଅର୍ଥପେଡିକ୍, ଗାଇନିଂ ଆଦି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ କର୍ମୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ ।

# ରାୟଗଡ଼ା ଷ୍ଟେସନରୁ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ଭୁବନେଶ୍ୱର,୬।୧୦ (ମହାଭାରତ): ବରିଷ୍ଠ ନାଗରିକ ଦିବସ ଅବସରରେ ଗୁରୁବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଦ୍ୱାରା ରାୟଗଡ଼ା ରେଳ ଷ୍ଟେସନରୁ ଖୁସି, ଉତ୍ସାହ ଓ ଜୀବନର ସ୍ୱପ୍ନକୁ ସାଙ୍ଗରେ ନେଇ ପୂଜ୍ୟ ବରିଷ୍ଠ ନାଗରିକମାନେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଟ୍ରେନ ଯୋଗେ ତୀର୍ଥଯାତ୍ରା ଯାତ୍ରା ଆରମ୍ଭ କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛି। ଏଥିରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ରାୟଗଡ଼ାର ପଖାପାଖି ୭୭୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ ଅଛନ୍ତି। ସମସ୍ତଙ୍କ ସୁରକ୍ଷା ପାଇଁ ସାଙ୍ଗରେ




୨୫ ଜଣ ଏସ୍କର୍ଟ ଅଫିସର୍ ମଧ୍ୟ ଯାଉଛନ୍ତି। ରାଜ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବରିଷ୍ଠ ନାଗରିକମାନେ ବିଭିନ୍ନ ସ୍ଥାନକୁ ତୀର୍ଥଯାତ୍ରାରେ ଯାଉଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଯିବେ। ଚଳିତ ବର୍ଷ ପ୍ରାୟ ୮ ହଜାର ବରିଷ୍ଠ ନାଗରିକ ୧୦ ଟି ପର୍ଯ୍ୟାୟରେ ଅଯୋଧ୍ୟା, ବାରଣାସୀ, ହରିଦ୍ୱାର, ଋଷିକେଶ, ରାମେଶ୍ୱରମ୍ ଓ ମଦୁରାଇ ତୀର୍ଥ ସ୍ଥାନକୁ ଭ୍ରମଣର ସୁଯୋଗ ପାଇବେ ଆମ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ସୁବିଧା କରାଯାଇଥିବା ବେଳେ ସୁରକ୍ଷା, ସୁବିଧା ଓ ସ୍ୱାସ୍ଥ୍ୟ ଉପାରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି ।

# ବେଦାନ୍ତ ଆଇରନ ଆଣ୍ଡ ଷ୍ଟିଲର ଇସ୍ପାତ ଉତ୍ପାଦନ ୪% ବୃଦ୍ଧି

ଭୁବନେଶ୍ୱର,୬।୧୦ (ମହାଭାରତ): ଭାରତ ଓ ଆଫ୍ରିକାରେ ଲୁହାପଥର ଖନନ, ପ୍ରକ୍ରିୟାକରଣ ଓ ଇସ୍ପାତ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଏକୀକୃତ ସଂସ୍ଥା ବେଦାନ୍ତ ଆଇରନ ଆଣ୍ଡ ଷ୍ଟିଲ ଲିମିଟେଡ (ଭିଆଇଏସ୍‌ଏଲ୍) ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପ୍ରଥମାର୍ଦ୍ଧରେ ନିଜର ଇସ୍ପାତ ଉତ୍ପାଦନରେ କ୍ରମାଗତ ଅଭିବୃଦ୍ଧି ବଜାୟ ରଖିଛି। ଗତ ବର୍ଷର ସମାନ ଅବଧି ତୁଳନାରେ କମ୍ପାନିର ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ୪% ବୃଦ୍ଧି ପାଇ ୧.୧୧୪ ନିୟୁତ ଟନରେ ପହଂଚିଛି। ଏହା ସହିତ ହଟ ମେଟାଲ ଉତ୍ପାଦନ ମଧ୍ୟ ୩% ବୃଦ୍ଧି ପାଇ ୧.୧୫୩ ନିୟୁତ ଟନ ହୋଇଛି ଯାହା କମ୍ପାନିର ଉତ୍ପାଦନ ସ୍ଥିରତାକୁ ଦର୍ଶାଉଛି। ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକରେ ଭିଆଇଏସ୍‌ଏଲ୍‌ର ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ୫୩୨ କେଟି ରହିଛି ଯାହା ବାର୍ଷିକ ଆଧାରରେ ୪% ଅଧିକ। ଏହି ଅବଧିରେ ହଟ ମେଟାଲ ଉତ୍ପାଦନ ୩% ବୃଦ୍ଧି ପାଇ ୫୫୨ କେଟିରେ ପହଂଚିଛି। ନିୟମିତ ଫର୍ଣ୍ଣାସ୍ ମରାମତି କାରଣରୁ ପ୍ରଥମ ତ୍ରୈମାସିକ ତୁଳନାରେ ଦ୍ୱିତୀୟ ତ୍ରୈମାସିକରେ ଉତ୍ପାଦନ ସାମାନ୍ୟ କମ ରହିଥିଲେ ମଧ୍ୟ କମ୍ପାନି ନିଜର ମୁଖ୍ୟ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ବଜାୟ ରଖିବାରେ ସଫଳ ହୋଇଛି। କମ୍ପାନିର ବିଭିନ୍ନ ଇସ୍ପାତ ଉତ୍ପାଦ ମଧ୍ୟରେ ଟିଏମଟି ବାର୍ ଉତ୍ପାଦନରେ ଉଲ୍ଲେଖନୀୟ ପ୍ରଗତି ଦେଖିବାକୁ ମିଳିଛି। ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟିଏମଟି ବାର୍ ଉତ୍ପାଦନ ୧୨% ବୃଦ୍ଧି ପାଇ ୧୧୨ କେଟି ହୋଇଥିବା ବେଳେ ପ୍ରଥମାର୍ଦ୍ଧରେ ଏହା ୪% ବୃଦ୍ଧି ସହ ୨୪୪ କେଟିରେ ପହଂଚିଛି। ଏଥିସହିତ ଡକ୍ଟାଇଲ ଆଇରନ ପାଇପ୍ ଉତ୍ପାଦନ ଦ୍ୱିତୀୟରେ ୨୨ କେଟି ହୋଇଥିବା ବେଳେ ପ୍ରଥମ ତ୍ରୈମାସିକରେ ୮% ବୃଦ୍ଧି ସହ ମୋଟ ୫୨ କେଟି ଛୁଇଁଛି। ଅନ୍ୟପଟେ ପିଗ୍ ଆଇରନ ଉତ୍ପାଦନ ପ୍ରଥମ ତ୍ରୈମାସିକରେ ୪% ବୃଦ୍ଧି ପାଇ ୫୬୮ କେଟି ରହିଛି। ଲୁହାପଥର ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଓଗୋଆରେ କମ୍ପାନି ନିଜର କାର୍ଯ୍ୟଦକ୍ଷତା ମଜବୁତ କରିଛି। ଓଡ଼ିଶାରୁ ବିକ୍ରୟଯୋଗ୍ୟ ଲୁହାପଥର ଉତ୍ପାଦନ ଦ୍ୱିତୀୟ ତ୍ରୈମାସିକରେ ୩୪% ବୃଦ୍ଧି ପାଇ ୦.୯୧ ନିୟୁତ ଟନ ହୋଇଛି। ଏହା ସହିତ ପ୍ରଥମ ତ୍ରୈମାସିକରେ ଓଡ଼ିଶାରୁ ମୋଟ ଲୁହାପଥର ଉତ୍ପାଦନ ୨.୦୮ ନିୟୁତ ଟନରେ ପହଂଚିଛି ଯାହା ଗତ ବର୍ଷ ତୁଳନାରେ ୪୬% ଅଧିକ।

# ଅଭିମୁଖୀକରଣ ଏବଂ କିଟ୍ ଆବଣ୍ଟନ ଜରିଆରେ ସଶକ୍ତ ସୁରୁଚି ମହିଳା ଉଦ୍ୟୋଗୀ

ଭୁବନେଶ୍ୱର,୬।୧୦ (ମହାଭାରତ): ଔଦ୍ୟୋଗିକତା, ସାମର୍ଥ୍ୟ ସୃଷ୍ଟି ଏବଂ ସାମୂହିକ ବ୍ରାଣ୍ଡିଂ ଜରିଆରେ ମହିଳା ରାସ୍ତାକଡ ଉଠା ଦୋକାନୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଏଚ୍‌ବିଟି-ଅର୍ବାନ୍ କମ୍ୟୁନିଟି ଡେଭେଲପମେଣ୍ଟ ଆଣ୍ଡ୍ ଆକ୍ସନ ପ୍ରୋଗ୍ରାମ (ୟୁସିଡିଏପି) ଅଧୀନରେ ସୁରୁଚି ମହିଳା ଉଦ୍ୟୋଗୀ ଓରିଏଣ୍ଟେସନ (ଅଭିମୁଖୀକରଣ) ଏବଂ କିଟ୍ ଆବଣ୍ଟନ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ୱାର୍ଡ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା।

କିଟ୍‌ରେ ଛତା, ଦୁଇଟି ଡଷ୍ଟବିନ୍, ଦୁଇଟି ରୋଷେଇ ଆପ୍ରୋନ୍, ହେଡ୍ କ୍ୟାପ୍‌ର ଏକ ପ୍ୟାକ୍, ଦୁଇଟି ଡଷ୍ଟବିନ୍ ଟ୍ରାଶ୍ ବ୍ୟାଗ ପ୍ୟାକ୍, ହାତ ଗ୍ଲୋଭସ୍‌ର ଏକ ପ୍ୟାକ୍ ଏବଂ ଡିସ୍‌ପ୍ଲେ ବୋର୍ଡ ଆଦି ରହିଥିଲା। ସ୍ୱାସ୍ଥ୍ୟରକ୍ଷାର ସର୍ବୋଚ୍ଚ ସ୍ତର ବଜାୟ ରଖିବା, ରାସ୍ତାକଡ ଉଠା ବ୍ୟବସାୟ ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ମହିଳା ଉଠା ଦୋକାନୀମାନଙ୍କୁ ସାଧାରଣ ସମାନ ପରିଚୟ ସହିତ କାର୍ଯ୍ୟ କରିବା ନିମନ୍ତେ ଏହି ସମର୍ଥନ ଉଦ୍ଦିଷ୍ଟ ଅଟେ। ହମାରା ବଚ୍‌ପନ ଟ୍ରଷ୍ଟ (ଏଚ୍‌ବିଟି) ଏକ ଅଣ-ଲାଭଜନକ ସଂଗଠନ ଯାହା ସମସ୍ତଙ୍କ ପାଇଁ ନିରାପଦ,



ସ୍ୱାସ୍ଥ୍ୟକର ଏବଂ ଅଧିକ ସମାନତା ଭିତ୍ତିକ ଗୋଷ୍ଠୀ ନିର୍ମାଣ ଉପରେ ଦୃଷ୍ଟିନିବଦ୍ଧ ସହିତ ଶିଶୁ ଅଧିକାର, ମହିଳା ସଶକ୍ତିକରଣ, ସମାବେଶୀ ସହରାଞ୍ଚଳ ବିକାଶ ଏବଂ ଗୋଷ୍ଠୀ-ନେତୃତ୍ୱାଧୀନ ପ୍ରୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛି। ହମାରା ବଚ୍‌ପନ ଟ୍ରଷ୍ଟ ପକ୍ଷରୁ ମହିଳା ରାସ୍ତାକଡ ଉଠା ଖାଇବା ଦୋକାନୀଙ୍କ ନିମନ୍ତେ ଏକ ସାମାଜିକ ଉଦ୍ୟୋଗ ପ୍ରୟାସ ଭାବରେ ଆରମ୍ଭ କରାଯାଇଥିବା ସୁରୁଚି ଇନିସିଏଟିଭ୍ ସାମର୍ଥ୍ୟ ନିର୍ମାଣ, ବ୍ରାଣ୍ଡିଂ, ଉନ୍ନତ ସ୍ୱାସ୍ଥ୍ୟରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଅଭ୍ୟାସସମୂହତଥା ବଜାର ସଂଯୋଗୀକରଣକୁ ସୁଗମ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ସିଏସ୍‌ଆର ପ୍ରୟାସ ଭାବରେ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ (ଡିଇଏସ୍‌ପିଏଲ) ସମର୍ଥନରେ ଚାଲିଥିବା ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ଜୀବିକା ଉପାର୍ଜନକୁ ସୁଦୃଢ଼ କରିବା, ବ୍ୟବସାୟିକ ଦୃଶ୍ୟମାନରେ ଉନ୍ନତି ଆଣିବା ଏବଂ ଗ୍ରାହକଙ୍କ ବିଶ୍ୱାସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ସମ୍ଭାବୀ ସୁରୁଚି ପ୍ରୟାସ ଜରିଆରେ ଏଚ୍‌ବିଟି ନିରାପଦ, ଅଧିକ ସଂଗଠିତ ଏବଂ ଦୀର୍ଘସ୍ଥାୟୀ ଖାଦ୍ୟ ବ୍ୟବସାୟ କ୍ଷେତ୍ରରେ ମହିଳା ଉଠା ଦୋକାନୀମାନଙ୍କୁ ସମର୍ଥନ କରିବାକୁ ଆଗ୍ରହ ରଖୁଥିବାବେଳେ ଏହା ସେମାନଙ୍କର ଇଜ୍ଜତ, ସ୍ୱୀକୃତି ଏବଂ ଦୀର୍ଘସୂତ୍ରୀ ଅର୍ଥନୈତିକ ସୁରକ୍ଷାକୁ ପ୍ରୋତ୍ସାହିତ କରୁଛି। ୨୦୨୬ ମାର୍ଚ୍ଚ ୩୧ ତାରିଖରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ସୁରୁଚିକୁ ମହିଳା ଉଦ୍ୟୋଗୀ, ବିଶେଷକରି ଭୁବନେଶ୍ୱରରେ ଖାଦ୍ୟ ସାମଗ୍ରୀ ବ୍ୟବସାୟ କରୁଥିବା ମହିଳାମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପରିଚୟ କରି ଗଢିତୋଳିବା ସୁନିଶ୍ଚିତ କରିବାକୁ ଚାହୁଁଛି। ଏହା ଔଦ୍ୟୋଗିକତା ବିକାଶ, ଉଠା ବ୍ୟବସାୟରେ ଉନ୍ନତି ଆଣିବା ଏବଂ ସାମୂହିକ ବ୍ରାଣ୍ଡିଂ ଜରିଆରେ ଏହା କରିବାକୁ ପ୍ରୟାସ କରୁଛି। ଏହି ପର୍ଯ୍ୟାୟରେ ଏଚ୍‌ବିଟି ସୁରୁଚି କାର୍ଯ୍ୟକ୍ରମ ଜରିଆରେ ମୋଟ ୨୦୦ ମହିଳା ଉଦ୍ୟୋଗୀଙ୍କୁ ସମର୍ଥନ ଯୋଗାଇ ଦେଇଥିଲା।

# ଜାତିସଂଘର ମହାମାରୀ ମୁକାବିଲା

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ରୁ ଯୁକ୍ତରାଷ୍ଟ୍ର ଆମେରିକା ଓହରି ଯାଇଛି । ମହାମାରୀ ମୁକାବିଲାରେ ଏହାର ବିଫଳତା ଅଭିଯୋଗ କରି ଆମେରିକା ଏହି ନିଷ୍ପତି ନେଇଛି । ଏହି ଅଭିଯୋଗ ନିରାଟ ସତ୍ୟ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତି ଫଳରେ ଜାତିସଂଘ ଯେ ଭୁଶୁଡ଼ି ପଡୁଛି ତାହା ସ୍ପଷ୍ଟ ହୋଇଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ବିଭିନ୍ନ ବିବାଦର ସ୍ଥାୟୀ ସମାଧାନ ନିମନ୍ତେ ଗଠିତ ହୋଇଥିଲା ମିଳିତ ଜାତିସଂଘ । ଏଥିରେ ସବୁ ଦେଶ ସଦସ୍ୟଭୁକ୍ତ ହୋଇଥିଲେ । ଜାତିସଂଘରେ ଅନେକ ଶାଖା ଏବଂ ପରିଷଦ ରହିଛି । ସେଥିମଧ୍ୟରେ ରହିଛି ଜାତିସଂଘ ସାଧାରଣ ପରିଷଦ ଏବଂ ସୁରକ୍ଷା ପରିଷଦ । ସୁରକ୍ଷା ପରିଷଦରେ ୧୫ଜଣ ସଭ୍ୟ ଥିବା ବେଳେ ୫ଟି ଶକ୍ତିଶାଳି ରାଷ୍ଟ୍ର ଆମେରିକା, ଋଷିଆ, ବ୍ରିଟେନ, ଫ୍ରାନ୍ସ ଏବଂ ଚୀନ ସ୍ଥାୟୀ ସଦସ୍ୟ ଅଛନ୍ତି । ସେମାନଙ୍କର ଭିଟୋ କ୍ଷମତା ରହିଛି । ଅର୍ଥାତ କୌଣସି ପ୍ରସ୍ତାବକୁ ସେମାନଙ୍କ ମଧ୍ୟରୁ କେହି ଜଣେ ବିରୋଧ କଲେ ତାହା ଗୃହୀତ ହୋଇପାରିବ ନାହିଁ । ଏହି ବ୍ୟବସ୍ଥା ନିହାତି ତ୍ରୁଟିପୂର୍ଣ୍ଣ । ଏହି ବ୍ୟବସ୍ଥା ଯୋଗୁ ଅନେକ ସମୟରେ ଆତଙ୍କବାଦ ବିରୋଧରେ ପ୍ରସ୍ତାବ ଗୃହୀତ ହୋଇପାରୁନାହିଁ । ଗୋଟିଏ ବାକ୍ୟରେ କହିଲେ ଜାତିସଂଘ ସୁରକ୍ଷା ପରିଷଦ ଉକ୍ତ ୫ଟି ଭିଟୋ କ୍ଷମତାସମ୍ପନ୍ନ ଦେଶ ଦ୍ୱାରା ନିୟନ୍ତ୍ରିତ ହେଉଛଇ ଏବଂ ଅନ୍ୟ ସଦସ୍ୟମାନେ ମୂଲ୍ୟହୀନ ହୋଇ ପଡ଼ିଛନ୍ତି । ଏବେ ଋଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିରତିରେ ସୁରକ୍ଷା ପରିଷଦ ସଫଳ ହୋଇପାରୁନାହିଁ । ଦୁଇ ବର୍ଷ ତଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଅନ୍ତର୍ଜାତୀୟ ବୈଠକରେ ଉଦବୋଧନ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ର ସଂସ୍କାର ଏବଂ ଏହାର ପୁନର୍ଗଠନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । କରୋନା ମହାମାରୀ ବେଳେ ସ୍ୱାସ୍ଥ୍ୟ ସଙ୍ଗଠନର ଭୂମିକା ନିହାତି ବିବାଦୀୟ ଏବଂ ସମାଲୋଚିତ ହୋଇଥିଲା । କରୋନା ନେଇ ଏହା ଯଥେଷ୍ଟ ପୂର୍ବରୁ ବିଶ୍ୱ ସମୁଦାୟକୁ ଚେତାବନୀ ଦେବାର ଥିଲା । ଏହା ଦ୍ୱାରା ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଜୀବନ ରକ୍ଷା ହୋଇଯାଇଥାନ୍ତା । ସେହିପରି କରୋନାର ଉତ୍ପ□ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅନୁସନ୍ଧାନ ଥିଲା ସନ୍ଦେହଜନକ ଓ ମୂଲ୍ୟହୀନ । ଚୀନକୁ ଘ□ ଘୋଡ଼ାଇବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ହୀନ ଉଦ୍ଦେଶ୍ୟକୁ ସମସ୍ତେ ଅନୁଭବ କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ପୁନର୍ଗଠନ ନିମନ୍ତେ ମଧ୍ୟ ଦାବି କରିଛନ୍ତି । ଏହି ସଙ୍ଗଠନ ଗଠନର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଛି । ମୋଟ ଉପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘ ଯେଉଁ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି । ୟୁକ୍ରେନ-ଋଷିଆ ଯୁଦ୍ଧ ଦୀର୍ଘଦିନ ଧରି ଲାଗି ରହିବା ଏଭଳି ଚିନ୍ତାଧାରାର ଯଥାର୍ଥତାକୁ ପ୍ରତିପାଦିତ କରୁଛି । ୟୁକ୍ରେନରେ ଋଷିଆ ଆକ୍ରମଣକୁ ୪୦ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଯୁଦ୍ଧ ସରିବାର କୌଣସି ସଙ୍କେତ ମିଳିନାହିଁ । ଦୁଇ ପକ୍ଷ ମଧ୍ୟରେ ୪ଥର ଶାନ୍ତି ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି । ରୁଷ ରାଷ୍ଟ୍ରପତି ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ସମ୍ଭବ ହୋଇପାରିନାହିଁ । ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରମାନେ ଋଷିଆ ଉପରେ କଠୋର ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ ଏହା ପୁଟିନଙ୍କୁ ପ୍ରଭାବିତ କରିପାରିନାହିଁ । ବରଂ ସେ ଅଧିକ କଠୋର ହୋଇଛନ୍ତି । ତେବେ ୟୁକ୍ରେନ ଯେପରି ସାହସର ସହିତ ରୁଷ ସେନାର ସାମନା କରିଛନ୍ତି ତାହା ପ୍ରଶଂସନୀୟ । ତେବେ ଯୁଦ୍ଧରେ ସାଧାରଣ ଜନତା ଯେପରି ବିଶେଷ ପ୍ରଭାବିତ ନହୁଅନ୍ତି ଏବଂ ସେମାନଙ୍କର ଧନଜୀବନ ହାନି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ବିଶ୍ୱବ୍ୟାପି ଏକ ସାଧାରଣ ମତ ରହିଛି । ପୁଟିନ କିନ୍ତୁ ଏହାକୁ ଉଲ୍ଲଂଘନ କରିଛନ୍ତି । ତାଙ୍କ ବିରୋଧରେ ଇ□ରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସରେ ମାମଲା ଚାଲିବା ଉଚିତ । ତେବେ ଆଇସିଜେ ଯୁଦ୍ଧ ବନ୍ଦ କରିବାକୁ ଋଷିଆକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ପୁଟିନ ଖାତିର କଲେ ନାହିଁ । ଜାତିସଂଘ ସାଧାରଣ ପରିଷଦ ବୈଠକରେ ରୁଷର ଆକ୍ରମଣକୁ ନିନ୍ଦା କରି ପ୍ରସ୍ତାବ ଗୃହୀତ ହେଲା ।

# ଭାରତୀୟ ମୁକ୍ତି ସଂଗ୍ରାମର ବୀରାଙ୍ଗନା

“

**କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ ।**

॥ ଡକ୍ଟର ତପନ କୁମାର ପାଳ ॥

ରାଣୀ ଚେନାମ୍ମା : ୧୮୨୪ରେ କିଞ୍ଚୁର (କର୍ଣ୍ଣାଟକ) ରାଣୀ ଚେନାମ୍ମା ଇଂରେଜ ଜାତିକୁ ତଡ଼ିବା ପାଇଁ ବିଦେଶୀମାନେ ଭାରତ ଛାଡ଼ ବିଗୁଲ ବଜାଇଥିଲେ । ୧୮୫୭ ସ୍ୱାଧୀନତା ସଂଗ୍ରାମର ୩୩ବର୍ଷ ପୂର୍ବରୁ ଚେନାମ୍ମା ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ରଣଚଣ୍ଡୀ ରୂପ ଧରି ରାଣୀ ଚେନାମ୍ମା ଇଂରେଜ ସୈନିକଙ୍କ ନାକରେ ପାଣି ପିଆଇ ଦେଇଥିଲେ । ଯୁଦ୍ଧ କରୁ କରୁ ଚେନାମ୍ମା ବୀରଗତି ଲାଭ କରିଥିଲେ ।

ରାଣୀ ଲକ୍ଷ୍ମୀବାଈ : ୧୮୩୫ ନଭେମ୍ବରରେ ବନାରସ ନିବାସୀ ମୋରୋପନ୍ଥ ତାମ୍ବେଙ୍କ ଘରେ ଲକ୍ଷ୍ମୀବାଈ ଜନ୍ମ ନେଇଥିଲେ । ତାଙ୍କ ପିଲା ଦିନଟି କାନପୁରର ବିଠୁରରେ ନାନା ସାହେବଙ୍କ ସହ କଟିଥିଲା । ୧୮୫୫ରେ ଘୋଡ଼ାସବାରୀ ଓ ତରବାରୀ ଚାଳନାରେ ଅପରାଜେୟ ଲକ୍ଷ୍ମୀବାଈଙ୍କ ସ୍ୱାମୀ ରାଜା ଗଙ୍ଗାଧର ରାଓଙ୍କ ମୃତ୍ୟୁ ହେଲା । ଇଂରେଜ ଶାସକ ତାଙ୍କ ପାଳିତ ପୁତ୍ରକୁ ରାଜା ରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲେ । ଫଳରେ ରାଣୀ ଲକ୍ଷ୍ମୀବାଈ ପ୍ରବଳ ପରାକ୍ରମ ସହ ଯୁଦ୍ଧ କରି ଇଂରେଜ ସେନାକୁ ଝାନ୍ସୀରୁ ତଡ଼ି ଦେଲେ । ତାନ୍ତିଆ ଟୋପେ ସାହାଯ୍ୟରେ ଗୋରା ସେନାକୁ ଗୋଆଲିୟରରୁ ତଡ଼ିବାରେ ସଫଳ ହେଲେ । ହେଲେ ଭାଗ୍ୟ ଦେବୀଙ୍କ ବିପର୍ଯ୍ୟୟର ଶିକାର ହୋଇ ପରବର୍ତ୍ତୀ ଯୁଦ୍ଧରେ ମୃତ୍ୟୁବରଣ କଲେ ।

ରାଣୀ ଅବନ୍ତୀବାଈ : ମଧ୍ୟପ୍ରଦେଶର ରାମଗଡ଼ରେ ରାଣୀ ଅବନ୍ତୀ ବାଈଙ୍କ ଜନ୍ମ ୧୮୩୧ ଜୁଲାଇ ୧୬ ତାରିଖରେ ହୋଇଥିଲା । ରାମଗଡ଼ ଶାସକ ବିକ୍ରମାଦିତ୍ୟ ସିଂହଙ୍କ ମୃତ୍ୟୁପରେ ଇଂରେଜ ସରକାର ତାଙ୍କ ରାଜ୍ୟକୁ ଦଖଲ କଲା । ୧୮୫୭ ସଂଗ୍ରାମ ସମୟରେ ରାଣୀ ଅବନ୍ତୀ ବାଈ ଇଂରେଜ ସରକାରଠୁ ଦେଶ ହାସଲ ପାଇଁ ଶପଥ ନେଇ ପରବର୍ତ୍ତୀ ସମୟରେ ଯୁଦ୍ଧକରି ବରଂ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେ କରିଥିଲେ ।

ବେଗମ୍ ହଜରତ୍ ମହଲ : ୧୮୫୭ ସ୍ୱାଧୀନତା ସଂଗ୍ରାମ ଅମଳରେ ଲକ୍ଷ୍ନୌ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ନାବାଳକ ପୁଅ ବିରଜିସ କାଦରକୁ ସିଂହାସନରେ ବସାଇ ଇଂରେଜ ସରକାର ବିରୋଧରେ ଲଢ଼ାଇ କରିଥିଲେ । ତାଙ୍କ ନେତୃତ୍ୱରେ ଅଯୋଧ ଜମିଦାର, କୃଷକ ଓ ସୈନିକମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ । ନିଜେ ହଜରତ ବେଗମ ହାତୀ ପିଠିରେ ବସି ଦିନରାତି ଯୁଦ୍ଧ କରି ବୀରଗତି ଲାଭ କଲେ ।

ସରୋଜିନୀ ନାଇଡୁ : ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦରେ ସରୋଜିନୀ ନାଇଡୁ ଜନ୍ମ ଲାଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସରୋଜିନୀ ୧୩୦୦ ପଦବିଶିଷ୍ଟ 'ଝରଣାର ପାଣି' ନାମକ କବିତା ଓ ୨୦୦୦ ବାକ୍ୟବିଶିଷ୍ଟ ନାଟକ ଲେଖି ଇଂରେଜ ଭାଷାରେ ତାଙ୍କ ଦକ୍ଷତା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡରେ ଥିବାବେଳେ ଡାକ୍ତର ଗୋବିନ୍ଦ ନାଇଡୁଙ୍କ ସହ ତାଙ୍କର ସାକ୍ଷାତ ହେଲା । ପଢ଼ା ଶେଷ ପରେ ମାତ୍ର ୧୯ବର୍ଷ ବୟସରେ ସେ ଗୋବିନ୍ଦ ନାଇଡୁଙ୍କୁ ବିବାହ କଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ ମହାତ୍ମାଗାନ୍ଧୀଙ୍କ ସହ ଜେଲରେ ପ୍ରାୟ ୨୧ ମାସ ରହିଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଗଲା । ସେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଥିଲେ ।

ପ୍ରୀତିଲତା ୱାଦେଦର : ୧୯୧୧ ମେ' ୫ରେ ଚଟଗାଁର ଘୋଲାଘାଟରେ ପ୍ରୀତିଲତା ଜନ୍ମ ଲଭା କରିଥିଲେ । ତାଙ୍କ ବାପା ଜଗବନ୍ଧୁ ୱାଦେଦର ଚଟଗାଁ ନଗରପାଳିକାରେ କିରାଣୀ ଥିଲେ । ତାଙ୍କ ମା' ପ୍ରତିଭା ୱାଦେଦର ସ୍ଥାନୀୟ ବିପ୍ଳବୀଙ୍କୁ ଆଶ୍ରୟ ଦେଉଥିଲେ । ୧୯୩୨ ସେପ୍ଟେମ୍ବର ୨୩ରେ ପ୍ରୀତିଲତା ସାଥିମାନଙ୍କ ସହ ମିଶି ୟୁରୋପୀୟ କ୍ଲବ ଉପରେ ଆକ୍ରମଣ କଲେ ଓ ଗିରଫଦାରୀରୁ ଉଦ୍ଧରିବା ପାଇଁ ଆତ୍ମହତ୍ୟା ରାସ୍ତା ବାଛିନେଲେ ।

ମାତଙ୍ଗିନୀ ହାଜରା : ୧୮୭୦ ଅକ୍ଟୋବର ୧୯ରେ ପଶ୍ଚିମବଙ୍ଗରେ ମାତଙ୍ଗିନୀ ହାଜରା ଜନ୍ମ ଲାଭ କରିଥିଲେ । ସେ ବିଧବା ଥିଲେ, କିନ୍ତୁ ତାଙ୍କ ଅଦମ୍ୟ ସାହସ ନିକଟରେ ଯୁବକମାନେ ବି ଫିକା ପଡ଼ିଯାଉଥିଲେ । ୧୯୩୨ରେ ତାଙ୍କ ଗାଁରୁ ଗୋଟିଏ ଶୋଭାଯାତ୍ରା ବାହାରିଲା ଯେଉଁଥିରେ କେହି ମହିଳା ନଥିଲେ । ଏକମାତ୍ର ମାତଙ୍ଗିନୀ ସେଥିରେ ଯୋଗ ଦେଇ ସାହସିକତାର ପରିଚୟ ଦେଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ମାତଙ୍ଗିନୀ ଯୋଗ ଦେଲେ । ଲବଣ ସତ୍ୟାଗ୍ରହରେ ବହୁ ଲୋକ ଗିରଫ ହେଲେ । ମାତଙ୍ଗିନୀଙ୍କ ବୃଦ୍ଧାବସ୍ଥା ପ୍ରତି ଦୟା ବହି ପୁଲିସ ତାଙ୍କୁ ଗିରଫ କଲାନାହିଁ । ପରବର୍ତ୍ତୀ ସମୟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ତାଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା ।

କସ୍ତୁରବା ଗାନ୍ଧୀ : ୧୮୬୯ ଅପ୍ରେଲ ୧୧ରେ କସ୍ତୁରବା ଜନ୍ମ ଲାଭ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ତ୍ରୀ କସ୍ତୁରବା ଭାରତରେ ବା' ନାମରେ ପରିଚିତା । ମାତ୍ର ୧୩ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କୁ ବିବାହ କଲେ । ଦକ୍ଷିଣ ଆଫ୍ରିକା ରହଣି ସମୟରେ କଳାଗୋରା ଭେଦଭାବ ନୀତି ବିରୋଧରେ ତାଙ୍କୁ ଅନେକ ବାର ଜେଲ କାଟିବାକୁ ପଡ଼ିଥିଲା । ସେ ବାପୁଙ୍କ ସହ ପାଦରେ ପାଦ ମିଳାଇ ଚାଲିଥିଲେ । ୧୯୪୨ରେ ବାପୁ ଗିରଫ ହେବା ପରେ ସେ ବମ୍ବେସ୍ଥିତ ଶିବାଜୀ ପାର୍କରେ ହେବାକୁ ଥିବା ସାଧାରଣ ସଭାରେ ଭାଷଣ ଦେବାକୁ ନିଷ୍ପତ୍ତି ନେଲେ । ପାର୍କ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ତାଙ୍କୁ ପୁଲିସ ଗିରଫ କଲା । ତାଙ୍କୁ ପୁଣେର ଆଗା ଖାଁ ପ୍ରାସାଦକୁ ପଠାଇ ଦିଆଗଲା । ବଞ୍ଚିଥିବା ପର୍ଯ୍ୟନ୍ତ କସ୍ତୁରବା ମୁକ୍ତି ସଂଗ୍ରାମ ଜାରି ରଖିଥିଲେ ।

କଳ୍ପନା ଦତ୍ତ : ୧୯୩୧ ଜୁଲାଇ ୨୭ରେ ଜନ୍ମିତ ବିପ୍ଳବିଣୀ କଳ୍ପନା ଦତ୍ତ ବିପ୍ଳବୀ ସୂର୍ଯ୍ୟସେନଙ୍କ ସହ ସମ୍ପର୍କ ରକ୍ଷା କରିଥିଲେ । ସେ ଛଦ୍ମବେଶରେ ବିପ୍ଳବୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା କାମ କରୁଥିଲେ । ୧୯୩୩ରେ ବିପ୍ଳବୀ ଓ ପୁଲିସଙ୍କ ଭିତରେ ସଶସ୍ତ୍ର ଲଢ଼େଇ ହେଲା । ସୂର୍ଯ୍ୟସେନ୍ ତଥା ତାଙ୍କ ସାଥିମାନଙ୍କୁ ପୁଲିସ ଗିରିଫ କଲା । କଳ୍ପନା ମଧ୍ୟ ପୁଲିସ ହାତରେ ଧରାପଡ଼ିଲେ । ସେମାନଙ୍କ ବିଚାର ଚାଲିଲା । ୧୯୩୪ ଫେବୃୟାରୀରେ ସୂର୍ଯ୍ୟ ସେନ୍ ଓ ତାରକେଶ୍ୱରଙ୍କୁ ଅଦାଲତ ଫାଶୀ ଦଣ୍ଡାଦେଶ ଦେଲେ । ୨୧ ବର୍ଷୀୟା କଳ୍ପନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ମିଳିଲା । ଅବଶ୍ୟ ରାଷ୍ଟ୍ରପିତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦ୍ୟମ ଫଳରେ ତାଙ୍କୁ ଜେଲରୁ ମୁକ୍ତି ମିଳିଥିଲା ।

କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ । ସୁଭାଷଙ୍କ ଚିନ୍ତାଧାରା ଲକ୍ଷ୍ମୀ ପ୍ରଭାବିତ ହେଲେ । ଲକ୍ଷ୍ମୀଙ୍କ ଭିତରେ ଦେଶପ୍ରେମ ଦେଖି ସୁଭାଷ ତାଙ୍କ ନେତୃତ୍ୱରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ ଗଠନ କଲେ । ଭାରତ ମାତା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୀର ମହିଳାମାନଙ୍କୁ ନେଇ ରେଜିମେଣ୍ଟ ଗଠିତ ହେଲା । ୧୯୪୩ ଅକ୍ଟୋବର ୨୨ରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟର କ୍ୟାପଟେନ୍ ଦାୟିତ୍ୱ ସମ୍ଭାଳିଲେ ଲକ୍ଷ୍ମୀ ସେହଗାଲ । ପ୍ରାୟ ୫୦୦ ମହିଳାଙ୍କୁ ଲକ୍ଷ୍ମୀ ସେହଗାଲ ସେନାରେ ସାମିଲ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ପରେ ବ୍ରିଟିଶ ସେନା ଆଜାଦ ହିନ୍ଦ ଫୌଜ ଯବାନମାନଙ୍କୁ ଗିରଫ କରିନେଲା । ସେହି ଉପକ୍ରମରେ ୧୯୪୬ ମାର୍ଚ୍ଚ ୪ରେ ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ଫଉଜ ଗିରଫ କରି ଭାରତ ଆଣିଲା । ସେତିକିବେଳେ ଭାରତ ସ୍ୱାଧୀନତା ଆନ୍ଦୋଳନ ଚରମ ସୀମାରେ ଥିଲା । ଅଗତ୍ୟା ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ସରକାର ମୁକ୍ତ କରିଦେଲେ ।

ବୀଣା ଦାସ : ୧୯୧୧ ଅଗଷ୍ଟ ୧୧ରେ ଋଷିକେଶରେ ଜନ୍ମିତ ବୀଣା ଦାସ ଆରମ୍ଭରୁ ସମାଜ ସେବାରେ ବ୍ରତୀ ଥିଲେ । ସେ 'ପୂର୍ଣ୍ଣାଶ୍ରମ' ପ୍ରତିଷ୍ଠା କରିଥିଲେ । ଅସହାୟ ମହିଳାଙ୍କ ତାଙ୍କ ସଂସ୍ଥା ଆଶ୍ରୟ ପ୍ରଦାନ କରୁଥିଲା । କଲିକତାର ବୈଥୁନ କଲେଜରେ ପଢ଼ିବା ସମୟରୁ ତାଙ୍କ ବୈପ୍ଳବାତ୍ମକ ଚିନ୍ତାଧାରା ପ୍ରକାଶ ପାଇଥିଲା । ୧୯୨୮ ରେ ସାଇମନ କମିଶନ ବିରୋଧରେ ବୀଣା କିଛି ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ଫାଟକ ନିକଟରେ ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୯ବର୍ଷ କାରାବାସ କରିବାକୁ ପଡ଼ିଲା । ପୁଲିସ ତାଙ୍କୁ ବହୁ ନିର୍ଯାତିତ ଦେଲେ ମଧ୍ୟ ତାଙ୍କ ମୁହଁରୁ ଗୋଟିଏ ବି ସହଯୋଗୀଙ୍କ ନାମ ଶୁଣିବାକୁ ପାଇଲେ ନାହିଁ ।

କନକଲତା ବରୁଆ : ୧୯୨୪-୪୨ ସବୁଠୁ କମ୍ ବୟସର ବୀରଙ୍ଗନା ଭାବେ ପରିଚିତ କନକଲତା ବରୁଆଙ୍କ ସାହସିକତାର କାହାଣୀ ଶୁଣିଲେ, ଅନେକଙ୍କ ଲୋମ ଟାଙ୍କୁରି ଉଠେ । ୧୯୩୧ ଗୈୟତ ଅଧିବେଶନରେ ଭାଗ ନେଇଥିବା ଲୋକମାନଙ୍କୁ ରାଷ୍ଟ୍ରଦ୍ରୋହ ଅପରାଧରେ ପୁଲିସ ଗିରଫ କଲା । ପରବର୍ତ୍ତୀ ମାତ୍ର ଅଠର ବର୍ଷ ବୟସରେ ସେ ଲଢ଼େଇ କରୁଥିବା ଅବସ୍ଥାରେ ହିଁ ପ୍ରାଣବଳୀ ଦେଇଥିଲେ ।

ନେଲୀ ସେନ୍‌ଗୁପ୍ତା (୧୮୮୬-୧୯୭୩) : ୧୮୮୬ ଜାନୁୟାରୀ ୧୨ରେ କଲିକତାରେ ଜନ୍ମିତ ନେଲୀ ସେନଗୁପ୍ତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ନେଇଥିବା ଯତିନ୍ଦ୍ର ମୋହନ ସେନଗୁପ୍ତାଙ୍କ ସ୍ତ୍ରୀ । ସମସ୍ତ ସୁଖ ତ୍ୟାଗ କରି ନେଲୀ ସ୍ୱାମୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଆସାମ-ବଙ୍ଗଳା ରେଳ ରୋକ ମାମଲାରେ ଯତିନ୍ଦ୍ରଙ୍କୁ ପୁଲିସ ଗିରଫ କରି ଜେଲରେ ଠୁଙ୍କି ଦେଲା । ୧୯୩୩ରେ ନେଲୀ କଲିକତା କଂଗ୍ରେସ ଅଧିବେଶନର ଅଧ୍ୟକ୍ଷତା କଲେ । ପରେ ସେ ଗିରଫ ହୋଇଥିଲେ ।

କମଳାଦେବୀ ଚଟ୍ଟୋପାଧ୍ୟାୟ (୧୯୦୩-୧୯୮୮) : ସ୍ୱାଧୀନତା ସଂଗ୍ରାମୀ କମଳାଦେବୀ ଚଟ୍ଟୋପାଧ୍ୟାୟ ଏକାଧାରରେ ସମାଜ ସୁଧାରକ ଓ ଭାରତୀୟ ହସ୍ତକଳା କ୍ଷେତ୍ରରେ ନବଜାଗରଣ ଆଣିଥିଲେ । ୧୯୦୩ ଅପ୍ରେଲ ୩ରେ କର୍ଣ୍ଣାଟକର ଗୋଟିଏ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ କମଳାଦେବୀ ବାଳିକାବଧୂ ହେଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ରଖିଥିଲେ । ସେ ମହାତ୍ମା ଗାନ୍ଧି, ଜବାହାରଲାଲ ନେହେରୁ, ମୌଲାନା ଆବୁଲ କାଲାମ ଆଜାଦ, ସରୋଜିନୀ ନାଇଡୁ ଓ କସ୍ତୁରବା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ତାଙ୍କୁ ଅନେକବାର ଜେଲ କଟାଇବାକୁ ପଡ଼ିଥିଲା ।

ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) : ବିଶ୍ୱ ସ୍ତରରେ ଆଇରନ୍ ଲେଡ଼ିଭାବେ ପରିଚିତା ଏକମାତ୍ର ଭାରତୀୟ ମହିଳା ଇନ୍ଦିରା ଗାନ୍ଧୀ ୧୯୧୭ ନଭେମ୍ବର ୧୯ରେ ନେହେରୁ ପରିବାରରେ ଜନ୍ମ ଲାଭ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଏକମାତ୍ର କନ୍ୟା ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ରାଜନୀତିକୁ ପ୍ରଭାବିତ କରିଥିଲା । ସେତେବେଳେ ଆନନ୍ଦ ଭବନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖଡ଼ା ଶାଳା କୁହାଯାଉଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆନନ୍ଦ ଭବନରେ ନିଆଯାଉଥିଲା । ଫଳରେ ବାଳିକା ଇନ୍ଦିରାଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଲା । ଦେଶବ୍ୟାପୀ ବିଦେଶୀ ବସ୍ତ୍ର ବର୍ଜ୍ଜନ ଆନ୍ଦୋଳନ ଚାଲିଥିଲାବେଳେ ବାଳିକା ଇନ୍ଦିରା ସ୍ୱୟଂ ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଖଦୀ ବସ୍ତ୍ର ଧାରଣ କଲେ । ମାତ୍ର ୧୩ ବର୍ଷ ବୟସରେ ସେ ବାନର ସେନା ଗଠନ କରି ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିଥିଲେ । ଆନ୍ଦୋଳନକାରୀଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚାଇ ସେ ଗୁରୁ ଦାୟିତ୍ୱ ତୁଲାଉଥିଲେ । ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍‌ର ପାକିସ୍ତାନ ଦାବି ଭାରତୀୟ ରାଜନୀତିକୁ ଅଶାନ୍ତ କରୁଥିଲା । ଚାରିଆଡ଼େ ସାମ୍ପ୍ରଦାୟିକ ଦଙ୍ଗା ତେଜି ଉଠୁଥିଲା । ଦିଲ୍ଲୀର କେତେକ ଇଲାକାରେ ଦଙ୍ଗା ନିଆଁ ଜଳୁଥିଲା । ସେତିକିବେଳେ ମହାତ୍ମା ଗାନ୍ଧି ଇନ୍ଦିରାଜୀଙ୍କୁ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ପଠାଇଲେ । ନିର୍ଭୀକ ଇନ୍ଦିରା ଦଙ୍ଗାପ୍ରବଣ ଇଲାକାରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଶାନ୍ତ କରାଇଥିଲେ । ବିଭାଜନ ସମୟରେ ଆନନ୍ଦ ଭବନରେ ବନ୍ଦୋବସ୍ତ ହୋଇଥିବା ଶରଣାର୍ଥୀ ଶିବିରର ଦେଖାରଖା ଦାୟିତ୍ୱ ଇନ୍ଦିରାଙ୍କ ଉପରେ ଥିଲା । ୧୯୬୬ରୁ ୧୯୭୭ ଭିତରେ ଇନ୍ଦିରା ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ପରେ ୧୯୮୦-୮୪ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଭାର ସମ୍ଭାଳିଥିଲେ । ତାଙ୍କ ଶାସନ କାଳରେ ଦେଶର ଆର୍ଥିକ ଅବ୍ୟବସ୍ଥା, ଆଭ୍ୟନ୍ତରୀଣ କନ୍ଦଳ, କଂଗ୍ରେସ ବିଭାଜନ, ଆର୍ଥିକ ସୁଧାର କାର୍ଯ୍ୟକ୍ରମ, ପାକିସ୍ତାନ ସହ ଯୁଦ୍ଧ ପରି ବହୁ ସମସ୍ୟା ମୁଣ୍ଡ ଟେକିଥିଲା । ସବୁ ସମସ୍ୟାକୁ ସାହସର ସହ ମୁକାବିଲା କରି ସେ ଲୌହମାନବୀ ମାନ୍ୟତା ପାଇଥିଲେ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି : ବେରବୋଇରେ ସାତ ଦିନ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ । ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ । ଚଳିତ ବର୍ଷ ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି । ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ । ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ । ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ । ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । କର୍ଣ୍ଣାଟକର ହୁଦଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ । ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା । ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା । ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ । ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା । ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା । କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ । ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା । ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା । ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା । ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା । ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ । ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ । ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ । ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ । କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଞ୍ଜୁର, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ । ଗାନ୍ଧୀ ଓ ଅନ୍ୟ ପ୍ରତିନିଧି ମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା । ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ ପାଇ ନିଜକୁ ଧନ୍ୟ ମଣିଥିଲେ । ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତ୍ତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ । ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା । ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ ।

ଆଜି ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ମନେପଡୁଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - 'କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ' । ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - 'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଇ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ' ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ଦେଶ ପ୍ରେମରେ ଓଡ଼ିଆ ସିନେମା

॥ ସତ୍ୟ ମହାପାତ୍ର ॥

ଆଜି ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଏହି କ୍ରମରେ ଆମ ସାଧାରଣ ଜୀବନରେ ପ୍ରାୟତଃ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବା ସିନେମାରେ ମଧ ଦେଶ ପ୍ରେମ ଓ ଦେଶାତ୍ମବୋଧକ ଗୀତର ମାଧୁର୍ଯ୍ୟ ପ୍ରେରଣା ଯୋଗାଇଛି । ଅନେକ ଗୀତରେ ମାତୃଭୂମିର ଜୟଗାନ ସହ ଅନ୍ୟାୟ, ଦୁର୍ନୀତି, ଅନୀତି ଓ ଶୋଷଣ ବିରୁଦ୍ଧରେ ବିପ୍ଳବର ସ୍ୱର ବି ଶୁଭିଛି । ସାମାଜିକ ଜୀବନ ସହ ଜନ ଜାଗରଣର ବାର୍ତ୍ତା ଦେଇଥିବା କିଛି କାଳଜୟୀ ଓଡ଼ିଆ ସିନେମା ସଂଗୀତ ସମ୍ପର୍କରେ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଆଲୋଚନାଟି ରଖୁଛୁ ।

ଓଡ଼ିଆ ସିନେମାରେ ଦେଶାତ୍ମବୋଧ ବା ଦେଶପ୍ରେମର ଭାବନା ଖୋଜିଲାବେଳକୁ ସର୍ବପ୍ରଥମେ ୧୯୬୮ ମସିହାରେ ରିଲିଜ ହୋଇଥିବା ସେ ସମୟର ଲୋକପ୍ରିୟ ସିନେମା 'ସ୍ତ୍ରୀ' ଆସୁଛି । ଏହି ଚଳଚ୍ଚିତ୍ରର ଗଙ୍ଗା ଯେ ଦେଶେ ବହେ, ଯମୁନା ଯେ ଦେଶେ ବହେ..... ଏହି କାଳଜୟୀ ହୃଦୟସ୍ପର୍ଶୀ ଓ ଚେତନାଦାୟୀ ସଂଗୀତକୁ ଲେଖିଥିଲେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି । ତେବେ ନିର୍ମଳା ମିଶ୍ରଙ୍କ ସମେତ ଅନ୍ୟ ପାର୍ଶ୍ୱ କଣ୍ଠଶିଳ୍ପୀଙ୍କ ଏହି ସଂଗୀତରେ ସୁବିଖ୍ୟାତ ଅଭିନେତ୍ରୀ ପାର୍ବତୀ ଘୋଷ ଅଭିନୟ କରିଛନ୍ତି । ତେବେ ପରବର୍ତ୍ତୀ ସମୟରେ ଅନେକ ସଂଗୀତ ଗୁଡ଼ିକ ଦେଶାତ୍ମବୋଧକୁ ନେଇ ତିଆରି ହୋଇଛି । ମନେପକାନ୍ତୁ ସେ ସମୟର ପ୍ରିୟ ଚଳଚ୍ଚିତ୍ର 'ସ୍କୁଲ ମାଷ୍ଟର' । କାଳଜୟୀ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଂଗୀତ ନିର୍ଦ୍ଦେଶନାରେ ମନଛୁଆଁ ଗୀତଟି ଥିଲା 'ଦେ ରେ ସାଥୀ ଦେ' ଯାହାକୁ ଗାଇଥିଲେ ସିପ୍ରା ବୋଷ । ସେହିପରି ସେ ସମୟର ବ୍ୟସ୍ତତମ ଲୋକପ୍ରିୟ ଓଡ଼ିଆ ସିନେ ତାରକା ଶ୍ରୀରାମ ପଣ୍ଡାଙ୍କ 'ଧରିତ୍ରୀ' ସିନେମାରେ ଏକ ହୃଦୟ ଝଙ୍କୃତ କଲାପରି ଗୀତଟି ରହିଥିଲା ତାହା ଥିଲା 'ସ୍ୱର୍ଗାଦପି ଗରୀୟସୀ, ଜନନୀ ମା' ଧରିତ୍ରୀ...' । ପରବର୍ତ୍ତୀ ସମୟରେ ଦେଶାତ୍ମ ଭାବନା ଭିତରେ ଶ୍ରୋତା ଓ ଦର୍ଶକଙ୍କୁ ବାନ୍ଧି ରଖିବା ପରି ସିନେମା ଆସିଥିଲା 'ଭାଇ-ଭାଉଜ' । ଏହି ସିନେମାର 'ଜନ୍ମ ମାଟି ପଲ୍ଲୀ ଡାକେ....' ଗୀତଟି ହୃଦୟକୁ ଛୁଇଁଲା ପରି । ତେବେ ଠିକ ଏହା ପଛକୁ ଆସିଥିଲା ଓଡ଼ିଆ ସିନେମା 'ଅଦିନ ମେଘ' । ଏହାର 'ଏଇ ଆମରି ଗାଁ...' ଗୀତଟି ତିଆରି କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ ।

ତେବେ ଓଡ଼ିଆ ସିନେମାର ସବୁଠାରୁ ଆଲୋଡ଼ନକାରୀ ହୃଦୟସ୍ପର୍ଶୀ ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା 'ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା...' । ୧୯୭୯ ମସିହାର ସୁପରହିଟ୍ 'ବଳୀଦାନ' ସିନେମାରେ ଏହାକୁ ନିଜେ ଲେଖିବା ସହ କଣ୍ଠ ଦେଇଥିଲେ ପ୍ରଫୁଲ୍ଲକର । ମହମ୍ମଦ ମହସିନଙ୍କ ଉପରେ ଚିତ୍ରିତ ହୋଇଥିବା ଏହି ସିନେମାଟି ଏଯାବତ୍ ହିଟ ପର୍ଯ୍ୟାୟରେ ରହିଛି । ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମା 'କଳିଙ୍ଗପୁତ୍ର'ର ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା 'ଯଉ ଦେଶେ ସତ୍ୟ ପାଇଁ ଗାନ୍ଧୀ ଗୁଳି ଖାଏ.....' । ତେବେ ଅଶି ଶତକର ସବୁଠାରୁ ଓଡ଼ିଆ ସିନେମାରେ ବକ୍ସ ହିଟ ସାବ୍ୟସ୍ତ ହୋଇଥିବା ସିନେମାଟି ଥିଲା 'ଲାଲପାନ ବିବି' ଓ 'ପକା କମ୍ବଳ ପୋତ ଛତା' । ପ୍ରଥମ ସିନେମାର 'ଏ ଦୁନିଆ ମାଟି ହାଣ୍ଡି....' ଓ ଦ୍ୱିତୀୟ ଅର୍ଥାତ ପକା କମ୍ବଳ ପୋତ ଛତା ସିନେମାର 'ସତ କହି ପାଏ ପଛେ ଫାଶୀ ଓ ଲଙ୍ଗଳା ଫକୀରର ଆମେରେ ସନ୍ତାନ' ଗୀତଟି ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଥିଲା । ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ଆଇ ଲଭ ମାଇଁ ଇଣ୍ଡିଆ' । ବର୍ତ୍ତମାନ ସମୟର ହିଟ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ସିନେମାରେ କଣ୍ଠଦାନ କରିଥିଲେ ବିଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ କୁମାର ବାପି । ସେହିପରି ୨୦୦୮ରେ ମକ୍ତିଲାଭ କରିଥିବା 'ବନ୍ଦେ ଉତ୍କଳ ଜନନୀ' ଓ ୨୦୧୮ରେ ରିଲିଜ ହୋଇଥିବା 'ପ୍ରେମ କୁମାର' ସିନେମାରେ ଦେଶାତ୍ମ ଭାବନାର ବାସ୍ନା ଭରି ରହିଥିଲା । ତେବେ ୨୦୧୯ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ବିଜୁବାବୁ' । ସେହିପରି ୨୦୨୧ର ସିନେମା 'ଶହୀଦ ରଘୁ ସର୍ଦ୍ଦାର' ମଧ ଦେଶ ଭାବନାର ବାର୍ତ୍ତା ଭିତ୍ତିକ ସଂଗୀତକୁ ପରିସ୍ଫୁଟିତ କରିଥିଲା । ସେହିଭଳି ଏହି ବର୍ଷ ବଜାରକୁ ଆସିଥିବା ଓଡ଼ିଆ ଚଳଚ୍ଚିତ୍ର 'ଅପରେସନ-୧୨ /୧୭'ର ଗୀତଟି ମଧ ଦେଶାତ୍ମବୋଧକ ଭାବନାକୁ ନେଇ । ଏହାର 'ଡାକୁଛି ତ୍ରିରଙ୍ଗା, ଡାକୁଛି ଗଙ୍ଗା' ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଛି । ସ୍ୱାଧୀନତା ସଂଗ୍ରାମର ଆଲୋଚନା କଲାବେଳକୁ ଦେଶପ୍ରେମ ଭାବନାର ଏହି ହୃଦୟସ୍ପର୍ଶୀ ସିନେ ସଂଗୀତ ବିଶେଷକରି ଆମ ଯୁବପିଢ଼ିଙ୍କୁ ଦେଶପ୍ରେତି ସେବା ଭାବନାର ଉତ୍ସର୍ଗୀକୃତ ପ୍ରେରଣା ଯୋଗାଇଥାଏ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ବୁଧବାର ୭.୧୦. ୨୦୨୬




୬୧୧ ।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ରହିଲେ ଅସ୍ଥାୟୀ ବନ କର୍ମଚାରୀ



ଦଶପଲ୍ଲା,(ମହାଭାରତ): ନୟାଗଡ଼ସ୍ଥିତ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ, କୁଶଙ୍ଗ, ବାଣିଗୋଛା ପୂର୍ବ ଓ ବାଣିଗୋଛା ପଶ୍ଚିମ ବଞ୍ଚାଞ୍ଚଳରେ କାର୍ଯ୍ୟରତ ଅସ୍ଥାୟୀ ବନ କର୍ମଚାରୀମାନେ ଗତ ୨୮ ତାରିଖରେ ସେମାନଙ୍କର ବକେୟା ପାରିଶ୍ରମିକ ନମିଳିବା ପ୍ରତିବାଦରେ ବନଖଣ୍ଡ ଅଧିକାରୀ ପିସିସିଏଫ , ଏସିଏଫ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପାରିଶ୍ରମିକ ବକେୟା: ଅରଣ୍ୟ, ବନ୍ୟଜନ୍ତୁ ଓ ପରିବେଶ ସୁରକ୍ଷାରେ ନିରନ୍ତର ନିୟୋଜିତ ଥିବା ସତ୍ତ୍ୱେ କେତେକ ଅସ୍ଥାୟୀ କର୍ମଚାରୀଙ୍କୁ ଗତ ଜୁଲାଇ ଓ ଅଗଷ୍ଟ ମାସର ପାରିଶ୍ରମିକ ମିଳିନାହିଁ। ଏଥିସହିତ ଗତ ମଇ ଓ ଜୁନ୍ ମାସର ପାରିଶ୍ରମିକ ମଧ ସମ୍ପୂର୍ଣ୍ଣ କର୍ମଚାରୀଙ୍କୁ ମିଳିପାରି ନଥିବା ଅଭିଯୋଗ କରିଥିଲେ । କୌଣସି ସମାଧାନ ହୋଇନଥିବା ଯୋଗୁଁ ୪ ଗୋଟି ବନାଞ୍ଚଳ ଅଧୀନରେ କାଯ୍ୟରତ ଅସ୍ଥାୟୀ ବନକର୍ମଚାରି ମାନେ ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ମା ବାଟପନଛେଇଙ୍କ ପିଠ ପରିସରରେ ଏକ ବୈଠକ ଆୟୋଜନ କରିଥିଲେ । ବୈଠକରେ ୨୦୦ରୁ ଉର୍ଦ୍ଧ ଅସ୍ଥାୟୀ ବନ କର୍ମଚାରୀ ଯୋଗଦେଇ ଦାବି ପୂରଣ ନ ହେବା ପଯ୍ୟନ୍ତ ସମସ୍ତେ କାଯ୍ୟବନ୍ଦ କରି ଛୁଟିରେ ରହିବା ପାଇଁ ନିଷ୍ପତି ନେଇଥିଲେ । ତେବେ ଜଙ୍ଗଲ ପରିବେଶ ଓ ଜଳବାୟୁ ବିଭାଗ ତରଫରୁ ପ୍ରତି ବର୍ଷ କୋଟି କୋଟି ଟଙ୍କା ସରକାର ବ୍ୟୟ କରୁଥିବାବେଳେ ଅସ୍ଥାୟୀ ବନକର୍ମଚାରି ମାନେ ପ୍ରତିଦିନ ୨୪ ଘଣ୍ଟା ଜଙ୍ଗଲ ଓ ବନ୍ୟଜନ୍ତୁ ଙ୍କୁ ସୁରକ୍ଷା ଦେବାପାଇଁ କାଯ୍ୟ କରିଆସୁଥିଲେ ମଧ ସଠିକ ଭାବେ ସେମାନଙ୍କୁ ମାସିକ ପାରିଶ୍ରମିକ ମିଳିପାରୁନାହିଁ। ଆର୍ଥିକ ଅନାଟନ ଯୋଗୁଁ ପାରିବାରରେ ବିଶୃଙ୍ଖଳା ଦେଖାଦେଉଥିବା ବେଳେ ଅନ୍ୟପଟେ କାଯ୍ୟରୁ ବିରତି ନେଲେ ବିଭାଗୀୟ କର୍ମଚାରୀଙ୍କ ଛଟେଇ ଭୟ ଯୋଗୁଁ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଥିବା ଅନେକ କର୍ମଚାରୀ କହିଛନ୍ତି । ତେବେ ଅସ୍ଥାୟୀ ବନ କର୍ମଚାରୀମାନେ ଆଜିଠୁ ସମୂହ ଛୁଟିରେ ରହିବା ପରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ପରିବେଷବିତଙ୍କ ମହାଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ ଅସ୍ଥାୟୀ ବନକର୍ମଚାରି ମାନେ ପୂର୍ବରୁ ବାରମ୍ବାର ବିଭାଗୀୟ ଉପରିସ୍ଥ ଅଧିକାରୀ ମାନଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ ଶେଷରେ ନିରାଶ ହୋଇ କାଯ୍ୟବନ୍ଦ ଆନ୍ଦୋଳନକୁ ଉଲ୍ହାଇଛନ୍ତି ବୋଲି ସମ୍ପାଦକ କରୁଣାକର ବେହେରା କହିଛନ୍ତି। ବିଭାଗୀୟ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ଏଇ ଅସ୍ଥାୟୀ ବନକର୍ମଚାରୀଙ୍କ ପାରିଶ୍ରମିକ ପ୍ରଦାନ ଓ ଜଙ୍ଗଲ, ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ୨୬ ଲିଟର ଦେଶୀ ମଦ ଜବତ, ୨ ଗିରଫ



ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚୋରା ଦେଶୀ ମଦ ବିରୋଧରେ ଚଢ଼ାଉ କରାଯାଇ ଦୁଇଟି ପୃଥକ ମାମଲାରେ ଦୁଇଜଣଙ୍କୁ ଗିରଫ କରାଯିବା ସହ ୨୬ ଲିଟର ଦେଶୀ ମଦ ଜବତ କରାଯାଇଛି ।ପ୍ରଥମ ଘଟଣାରେ ପିଆର ନଂ . ୯୭/ ୨୦୨୬-୨୭ ଅନୁଯାୟୀ ନୂଆଗାଁ ଥାନା ଅଧୀନ ଥୁଆବାରୀ ଗ୍ରାମର ନିରଞ୍ଜନ ସାହୁ (୪୬)ଙ୍କୁ ଗଣିଆ ଥାନା ଅନ୍ତର୍ଗତ ଗୋପାଳପୁର ଛକ ନିକଟରୁ ସକାଳ ସମୟରେ ୧୪ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ପିଆର ନଂ . ୯୮/୨୦୨୬-୨୭ ଅନୁଯାୟୀ ଦଶପଲ୍ଲା ଥାନା ଅଧୀନ ଖଳିସାହି ଗ୍ରାମର ବିରଞ୍ଚି ନାଏକ (୩୮)ଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଉଭୟଙ୍କୁ ଗିରଫ କରାଯାଇଥିଲା।

ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲଙ୍କ ନେତୃତ୍ୱରେ କନଷ୍ଟେବଳ ପ୍ରଦୀପ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ସେବା ସେତୁ ମେଳା, ୨ ହଜାରରୁ ଅଧିକ ହିତାଧିକାରୀଙ୍କୁ ସହାୟତା




ପରଜଙ୍ଗ -(ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ସେବା ସେତୁ ମେଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ମଞ୍ଚାସିନ ଅତିଥି ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ବିଡିଓ ସୌଭାଗ୍ୟ ବେହେରା ଓ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ମେଳାରେ ପ୍ରାୟ ୨ ହଜାର ୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ଓ ସହାୟତା ପ୍ରଦାନ କରାଯାଇଥିଲା । ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ସହ ଶ୍ରମ ଓ ନିର୍ମାଣ ବିଭାଗ ପକ୍ଷରୁ ବିବାହ ସହାୟତା, ମୃତ ଶ୍ରମିକଙ୍କ ପରିବାରକୁ ଅନୁକମ୍ପା ସହାୟତା, ଉଚ୍ଚଶିକ୍ଷା ପାଇଁ ସହାୟତା ଏବଂ ନୂତନ ଲେବର କାର୍ଡ ପ୍ରଦାନ କରାଯାଇଥିଲା ।ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ମଧ ପ୍ରଦାନ କରାଯାଇଥିଲାକ୍ଷ କାର୍ଯ୍ୟକ୍ରମରେ ପରଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ ।

## ନିଟ ପ୍ରବେଶିକା ପରୀକ୍ଷାରେ ସଫଳ ଛାତ୍ର ଙ୍କୁ ସମ୍ବର୍ଦ୍ଧିତ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଟଣା ର ମେଧାବୀ ଛାତ୍ର/ଛାତ୍ରୀ ସମ୍ବର୍ଦ୍ଧନା ମଞ୍ଚ ତରଫରୁ ନିଟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନକରି ଭବାନୀପାଟଣା ସରକାରୀ ମେଡିକାଲ କଲେଜ ରେ ନାମ ଲେଖାଇଥିବା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମର କୁନ୍ତୀ ପାତ୍ର ଓ ଲୋଚନ ପାତ୍ର ଙ୍କ ସୁପୁତ୍ର ଶ୍ରୀମାନ୍ ଶକ୍ତି ରଞ୍ଜନ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମକରଧ୍ୱଜ ମହାନ୍ତ ଙ୍କ ସଭାପତିତ୍ୱରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ୱାମ୍ ପାଟଣା ର ବରିଷ୍ଠ ବିଜ୍ଞାନ ଶିକ୍ଷକ ଭାଷ୍ୟକାର ପାର୍ଥ ସାରଥି ବେଜ୍ ଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୂଖ୍ୟ ଅତିଥି ଭାବରେ ବଡ଼ ପାଟଣା ପଂଚାୟତ ସରପଞ୍ଚ ବିନତି ବାନରା, ମୂଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀ ଚନ୍ଦ୍ର ଘଣା, ସମ୍ମାନୀତ ଅତିଥି ଭାବରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପରିଡ଼ା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ନଗେଶ ଚନ୍ଦ୍ର ବ୍ରହ୍ମ, ଓଡ଼ିଶା କୁଡୁମୀ ସେନା ଉପ ସଭାପତି ମିତ୍ରଭାନୁ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ମହାନ୍ତ,ପ୍ରଧାନ ଶିକ୍ଷକ ମହେନ୍ଦ୍ର ମହାନ୍ତ, ସାମାଜିକ କର୍ମୀ ସଞ୍ଜୀବ କୁମାର ମହାନ୍ତ ଉପସ୍ଥିତ ରହି ମେଧାବୀ ଛାତ୍ର ଶକ୍ତି ରଞ୍ଜନ ପାତ୍ର ଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥଲେ ପରିଶେଷ ରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଏନ୍ ପି ଏସ ଶିକ୍ଷକ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତ ଓ ବରିଷ୍ଠ ବିଜ୍ଞାନ ଶିକ୍ଷକ ଦେବେନ୍ଦ୍ର କୁମାର ମହାନ୍ତ, ବିଜ୍ଞାନ ଶିକ୍ଷକ ଦିବାକର ମହାନ୍ତ ମେଧାବୀ ଛାତ୍ର ର ପିତା ମାତାଙ୍କୁ ଫୁଲ ତୋଡ଼ା,ଉତ୍ତରୀୟ ଓ ଅଙ୍ଗବସ୍ତ୍ର ପ୍ରଦାନ କରିବାସହ ଅନୁଷ୍ଠାନ ର ସ୍ରଷ୍ଟା ବିଶିଷ୍ଟ ସମାଜ ସେବୀ ବିଦ୍ୟାଧର ମହାନ୍ତ ମେଧାବୀ ଛାତ୍ର ଙ୍କୁ ଫୁଲ ତୋଡ଼ା, ଉତ୍ତରୀୟ ଓ ଆଶୀର୍ବାଦ ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ପତ୍ର ପାଠ କରି ମେଧାବୀ ଛାତ୍ର ର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ମୁଖ୍ୟ ଅତିଥି ସରପଞ୍ଚ ଙ୍କ ଦ୍ୱାରା ଉପଢୌକନ ପ୍ରଦାନ ଓ ଅବସର ପ୍ରାପ୍ତ ଶିକ୍ଷକ ସଂଘ ତରଫରୁ ଏକ ସ୍ମୃତିଫଳକ ତତ୍ ସହିତ ସଂଘ ତରଫରୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯିବ ସହ ସଂଘର ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ମହାନ୍ତ ସଭାରେ ଉପସ୍ଥିତ ଥିବା ସମସ୍ତ ଛାତ୍ର ଛାତ୍ରୀ, ବରେଣ୍ୟ ଅତିଥି, ଜନସାଧାରଣ ଙ୍କୁ ମନ୍ତ୍ର ଉଚ୍ଚାରଣ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ସ୍ଥାନୀୟ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ

## ମହିଳା ଚାଷୀଙ୍କୁ ମିଳିଲା ଉନ୍ନତ ଚାଷର ଗୁରୁମନ୍ତ୍ର

### ବିକ୍ରିବଟା ସୁନିୟନ୍ତ୍ରିତ କରି ଅଧିକ ଲାଭ ପାଇଁ ପରାମର୍ଶ




ଦଶପଲ୍ଲା, (ମହାଭାରତ):ଦଶପଲ୍ଲା ବ୍ଲକ ଅନ୍ତର୍ଗତ ରାଣୀଝରୀ ଗ୍ରାମରେ ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓଏସ୍ ?ଭିଏସ୍ ?ଡବ୍ଲ୍ୟୁଏ' ଆନୁକୂଲ୍ୟରେ ମହିଳା ଚାଷୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା ତଥା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଗ୍ରାମର ୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୪୦ ଜଣ ମହିଳା ଚାଷୀ ଯୋଗଦେଇ ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। "Otto per Mille' ସଂସ୍ଥାର ଆର୍ଥିକ ଅନୁଦାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳର ପୋଷଣଶାଳା ବଗିଚା ପାଇଁ ନିକଟସ୍ଥ ୬ଟି ଗ୍ରାମରେ ଉଚ୍ଚ ଅମଳକ୍ଷମ ପନିପରିବା ବିହନ ବଣ୍ଟନ କରାଯାଇଛି। ବିଶେଷ କରି ରାଣୀଝରୀ ଓ ବାଇଝରୀ ଗ୍ରାମରେ ବାଇଗଣ ଚାଷକୁ ପ୍ରାଧାନ୍ୟ ଦେଇ ଉନ୍ନତ କିସମର ବିହନ ଯୋଗାଇ ଦିଆଯାଇଛି। ଆଲୋଚନା ବେଳେ ମହିଳାମାନେ ସେମାନଙ୍କ ଅମଳ ସ୍ଥାନୀୟ ବେପାରୀମାନଙ୍କୁ ଜମି ନିକଟରେ ହିଁ ବିକ୍ରି କରୁଥିବା ଜଣାଇଥିଲେ। ସେହିପରି ଗୋଷ୍ଠୀଭିତ୍ତିକ ଫଳଚାଷକୁ ପ୍ରୋତ୍ସାହିତ କରିବା ପାଇଁ କାଣିପଦର ଗ୍ରାମରେ ୫୦୦ କଦଳୀ ଓ ୧୦୦ ଅମୃତଭଣ୍ଡା ଚାରା ରୋପଣ ପାଇଁ ପ୍ରଦାନ କରାଯାଇଛି। ଅନ୍ୟପଟେ ବେବେରୀ, ସିନ୍ଦୁରତଇଲା, ହଣାଡିହ ଓ ରାଣୀଝରୀ ଗ୍ରାମର ୪ଟି ପୋଖରୀରେ ଉନ୍ନତ ମାନର ମାଛ ଜାଆଁଳ ଛଡ଼ାଯିବା ସହ ଚାଷୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ମାଛ ପାଳନର ତାଲିମ ଦିଆଯାଇଛି। ଉକ୍ତ ସଭାରେ ସଂସ୍ଥାର ପ୍ରତିନିଧି ଶ୍ରୀ ନିହାର ରଞ୍ଜନ ଘଡ଼େଇ ଓ ଶ୍ରୀ ସତ୍ୟ ନାରାୟଣ ମିଶ୍ର ଉପସ୍ଥିତ ରହି ଚାଷୀମାନେ କିଭଳି ମଧ୍ୟସ୍ଥିଙ୍କ ଶୋଷଣରୁ ମୁକ୍ତ ହୋଇ ବଜାର ସହ ସିଧାସଳଖ ସଂଯୋଗ ସ୍ଥାପନ କରିବେ ଏବଂ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇବେ, ସେ ନେଇ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସଂସ୍ଥାର ଏଭଳି ପ୍ରୟାସକୁ ସ୍ଥାନୀୟ ମହିଳାମାନେ ସାଧୁବାଦ ଜଣାଇଛନ୍ତି।

## ସେବା ସଂକଳ୍ପ ଅଭିଯାନ ଅବସରରେ ପଥପ୍ରାନ୍ତ ପାଲା ଆୟୋଜନ

ଧାମନଗର(ମହାଭାରତ)ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ' ଅବସରରେ ସାରା ରାଜ୍ୟରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।ଏହି କ୍ରମରେ ପଥପ୍ରାନ୍ତ ପାଲା 'ନୂଆ ସେବା ଗାଥା' ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ନାଟକ ଓ ସାଂସ୍କୃତିକ ପରିବେଷଣ ଜରିଆରେ ସାମାଜିକ ସଚେତନତା, ଦାୟିତ୍ୱବୋଧ ଓ ସେବା ମନୋଭାବର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।ଧାମନଗର ବ୍ଲକ ଅନ୍ତର୍ଗତ ଚୁଡାକୁଟି ବଜାର ରାମ ମନ୍ଦିର ପ୍ରାଙ୍ଗଣ ରେଏଭଳି ସାଂସ୍କୃତିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମକୁ ନେଇ ଲୋକଙ୍କ ମଧ୍ୟରେ ମଧ ଉତ୍ସାହ ଦେଖିବାକୁ ମିଳିଛି। ଏହି ପାଲା ପରିବେଷଣ କରିଥିଲେ ଓଡ଼ିଶାର ସୁନାମଧନ୍ୟ ଯୁବ ଗାୟକ ସତ୍ୟବ୍ରତ କର ଏବଂ ସାଥୀ।

## ଉଦ୍ଧାର ହୋଇଥିବା ୭୦ଗୋଟି ମୋବାଇଲ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର

ପାରଳାଖେମୁଣ୍ଡି(ମହାଭାରତ): ଗଜପତି ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ହଜି ଯାଇଥିବା/ ଚୋରି ହୋଇଥିବା ୭୦ ଗୋଟି ମୋବାଇଲ ଫୋନ୍ ବିଭିନ୍ନ ଥାନା ଓ ସାଇବର ସେଲ୍ର ସମନ୍ୱିତ ପ୍ରୟାସରେ ଉଦ୍ଧାର କରାଯାଇଛି ।ପୋଲିସ ପକ୍ଷରୁ କେନ୍ଦ୍ରୀୟ ଡାଟାବେସ ପୋର୍ଟାଲ, ବିଭିନ୍ନ ବୈଷୟିକ ଉପକରଣ ସହ କ୍ଷେତ୍ରସ୍ତରୀୟ ତଦନ୍ତ ଓ ଅନୁସରଣ ମାଧ୍ୟମରେ ମୋବାଇଲଗୁଡ଼ିକୁ ଚିହ୍ନଟ କରାଯାଇ ଉଦ୍ଧାର କରାଯାଇଥିଲା। ଏହା ଗଜପତି ପୋଲିସର ପ୍ରଯୁକ୍ତିଭିତ୍ତିକ ତଦନ୍ତ ଏବଂ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ପ୍ରତି ଗୁରୁତ୍ୱକୁ ପ୍ରତିଫଳିତ କରିଛି। ମୋବାଇଲ ଫୋନ ଗୁଡ଼ିକର ପ୍ରକୃତ ମାଲିକାନା ସମ୍ପର୍କିତ ଯାଞ୍ଚ ପରେ ଉଦ୍ଧାର ହୋଇଥିବା ମୋବାଇଲ ଫୋନ୍‌ଗୁଡ଼ିକୁ ଆଜି ୬ ଅକ୍ଟୋବର ୨୦୨୬ରେ ଗଜପତି ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଜପତି ଏସ୍‌ପି ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ଉପସ୍ଥିତିରେ ପ୍ରକୃତ ମାଲିକମାନଙ୍କୁ ଫେରାଇ ଦିଆଯାଇଛି।

## କଲେଜ ବଞ୍ଚାଇବାକୁ ରାଢୋ ଗ୍ରାମବାସୀ ଏକାଠି



ଉଦଳା (ମହାଭାରତ ): ଗାଁ ରେ ରାତିରେ ହେଲା ବୈଠକ ଆଉ ସକାଳେ କଲେଜରେ ପହଂଚି ଏକଜୁଟ ହେଲେ ଗ୍ରାମବାସୀ। ଆମ ଗାଁ କଲେଜ ବଞ୍ଚାଇବାକୁ ଆମେ ଅଛୁ, ଏଭଳି ଚିନ୍ତା ନେଇ ଗ୍ରାମବାସୀ ଏବେ କଲେଜ ପାଇଁ ଆଗକୁ ଆସିଛନ୍ତି। କଲେଜ ଭିତରେ ଶିକ୍ଷାଦାନ ପରିବର୍ତ୍ତେ କଲେଜ କୁ କରାଯାଉଛି ବଦନାମ। କଲେଜର ଜଣେ ଦୁଇ ଜଣ କର୍ମଚାରୀ ବିନା କାରଣରେ ଏବଂ ନିଜସ୍ୱ ସ୍ୱାର୍ଥ ପାଇଁ କଲେଜ ର ଗାରିମା ନଷ୍ଟ କରୁଛନ୍ତି। ଯାହା ବାରମ୍ବାର ହେବା ଫଳରେ ଶେଷରେ ଏକଜୁଟ ହୋଇଛନ୍ତି ଗ୍ରାମବାସୀ। କଲେଜ ର ଗାରିମା ଫେରି ପାଇବା ସହିତ କଲେଜ କୁ ବଦନାମ ରୁ ବଞ୍ଚାଇବା ପାଇଁ ଗ୍ରାମରେ ବୈଠକ କରିବା ସହିତ କଲେଜରେ ପହଞ୍ଚିଛନ୍ତି ଗ୍ରାମବାସୀ। ରାଢୋ ଲୁଇପା ଡିଗ୍ରୀ କଲେଜରେ ଗ୍ରାମବାସୀ କଲେଜ ବଞ୍ଚାଅ ଅଭିଯାନ ନେଇ ଏକଜୁଟ ହୋଇଛନ୍ତି। କଲେଜ ବାବଦରେ ବାରମ୍ବାର ମିଥ୍ୟା ତଥ୍ୟ ବାହାରେ ପ୍ରଚାର କରିବା ସହିତ ସୋସିଆଲ ମିଡ଼ିଆରେ କଲେଜ କୁ ବଦନାମ କରାଯାଉଥିବାରୁ କଲେଜରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। କଲେଜ କୁ ଗ୍ରାମର ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ମିଶି ତିଆରି କରିଥିବା ବେଳେ ନ୍ୟସ୍ତ ସ୍ୱାର୍ଥ ପାଇଁ କଲେଜ କୁ ବଦନାମ ପାଇଁ ଷଡଯନ୍ତ୍ର କରାଯାଉଥିବା କହିଛନ୍ତି ଗ୍ରାମବାସୀ। କଲେଜ ର ଗାରିମା କିଭଳି ଫେରିବ ଏବଂ କଲେଜରେ କେମିତି ଉତ୍ତମ ଶିକ୍ଷାଦାନ ହେବା ସହିତ ଛାତ୍ର ଛାତ୍ରୀ ଙ୍କ ଆଡମିଶନ ସଂଖ୍ୟା ବଢିବ ସେଥିପାଇଁ ଗ୍ରାମବାସୀ ଆଗକୁ ବଢିଥିବା ବେଳେ କଲେଜ ସୁରକ୍ଷା ପାଇଁ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି ।ପୂର୍ବରୁ କଲେଜ ରେ ଚାଲିଥିବା ଘଟଣା ବାବଦରେ ଗ୍ରାମବାସୀମାନେ ଉପଜିଲ୍ଲାପାଳ ଏବଂ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏପରିକି କଲେଜରେ ଶିକ୍ଷା ର ବାତାବରଣ କୁ ନଷ୍ଟ କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

## ଅବକାରୀ ବିଭାଗର ଚଢ଼ାଉ: ୨୬ ଲିଟର ମହୁଲି ମଦ ଜବତ, ୨ ଗିରଫ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଦୁଇଜଣ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।ଅବକାରୀ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଠାକୁରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖମୁଡ଼ିହା ଗ୍ରାମରେ ଚଢ଼ାଉ କରାଯାଇଥିଲା। ଚୋରାରେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୧୦ ଲିଟର ଦେଶୀ ମହୁଲି ମଦ ଜବତ କରାଯିବା ସହ ଏହି ଘଟଣାରେ ଉର୍ବଶୀ ସାହୁଙ୍କୁ ଗିରଫ କରାଯାଇଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ୧୨୩/୨୦୩୬-୨୭ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ମହୁଲଡିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆବାହାଳି ଗ୍ରାମରେ ମଧ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଠାରୁ ଚୋରାରେ ବିକ୍ରି ପାଇଁ ରଖାଯାଇଥିବା ୧୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିଲା। ଏହି ଘଟଣାରେ ସଂଯୁକ୍ତା ମହାନ୍ତଙ୍କୁ ଗିରଫ କରାଯିବା ୧୨୪/୨୦୨୬-୨୭:ରେ ମାମଲା ରୁଜୁ କରାଯାଇ ତାଙ୍କୁ ମଧ କୋର୍ଟ ଚାଲାଣ କରାଯାଇଛି। ଅବୈଧ ମଦ କାରବାର ଉପରେ ରୋକ୍ ? ଲଗାଇବା ଉଦ୍ଦେଶ୍ୟରେ ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଏଭଳି ଚଢ଼ାଉ ଜାରି ରହିଛି। ଆଗାମୀ ଦିନରେ ମଧ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରା ମଦ କାରବାର ବିରୋଧରେ ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ, ଏଏସଆଇ ଲକ୍ଷ୍ମଣ ନାୟକଙ୍କ ସମେତ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ।

## ରୋଗୀଙ୍କୁ ଫଳ ବାଣ୍ଟିଲେ ଶୁଚିସ୍ମିତା



ନୂଆପଡ଼ା(ମହାଭାରତ)ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ପ୍ରେରଣାରେ ଏବଂ 'ରାଇଜିଂ ଖଡ଼ିଆଳ'ର ସଭାପତି ବାରିଦ କୁମାର ସୁନାଙ୍କ ନିର୍ଦ୍ଦେଶକ୍ର କ୍ରମେ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାରେ ରୋଗୀମାନଙ୍କୁ ଆଜି ଫଳ ବଣ୍ଟନ କରାଯାଇଛି ଯାଇଛି। ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ସୁଚିସ୍ମିତା ମହାରଣାଙ୍କ ନେତୃତ୍ୱରେ ଏହି ମହତ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ 'ରାଇଜିଂ ଖଡ଼ିଆଳ' ଓ ଟିମ୍ ସୁଜିତ କୁମାର, ଖଡ଼ିଆଳ' ର ସଦସ୍ୟମାନେ ସାମିଲ ହୋଇ ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ରୋଗୀମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରାଯିବା ସହ ଅସହାୟ ଓ ରୋଗୀଙ୍କ ସେବା ପାଇଁ ଏଭଳି ମାନବିକ କାର୍ଯ୍ୟ ଆଗକୁ ମଧ ଜାରି ରହିବ ବ ବୋଲି ଉପସ୍ଥିତ ସଦସ୍ୟ ଲିଙ୍ଗରାଜ ତାଣ୍ଡି, ମଦନ ବାଗ, ସତ୍ୟ ନାରାୟଣ ବାଗ, ପରମେଶ୍ୱର ରାଉତ, ଜିତେନ୍ଦ୍ର ବାଗ, ପିଣ୍ଟୁ ପଟେଲ, ତିଲ ତାଣ୍ଡି କହିଥିଲେ।

## ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ସୋଲପଟା ବିଦ୍ୟାଳୟ ପରିଦର୍ଶନ



ଓଡ଼ଗାଁ,(ମହାଭାରତ):ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ ଓ ଉପ ନିର୍ଦ୍ଦେଶକ ଚନ୍ଦନ ରଥ ଆଜି ଓଡ଼ଗାଁ ବ୍ଲକ୍ ସୋଲପଟା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଫେରିଛନ୍ତି ।ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମରାଣ୍ଡି ଉଭୟଙ୍କୁ ସ୍ୱାଗତ କରିଥିଲେ ।ସେ ବିଦ୍ୟାଳୟର ସ୍ୱଚ୍ଛତା,ପରିମଳ, ଛାତ୍ରଛାତ୍ରୀଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା,ସ୍ମାର୍ଟ କ୍ଲାସ ରୁମ ଦେଖି ଖୁସିବ୍ୟକ୍ତ ହୋଇଥିଲେ ।ଏହାସହ ଗତବର୍ଷ ତୁଳନାରେ ପିଲାଙ୍କ ସଂଖ୍ୟା ବୃଦ୍ଧି ଘଟିଛି କି ନାହିଁ ସେ ସଂପର୍କରେ ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ ।ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବରାଡ଼, ପୂର୍ବତନ ପରିଚାଳନା ସଭାପତି କୁବେର ନାୟକ,ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁଶାନ୍ତ କୁମାର ଜେନା ଉପସ୍ଥିତ ଥିଲେ ।ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଖ୍ୟା ତୁଳନାରେ ଶ୍ରେଣୀଗୃହର ଅଭାବ ଥିବାନେଇ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ତାଙ୍କ ସହିତ ଅତିରିକ୍ତ ଶିକ୍ଷାଧିକାରୀ ବନଲତା ବେହେରା ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ଜଣାପଡ଼ିଛି ।

## ରାଣୀପେଣ୍ଟରେ ପ୍ରାୟ ୩ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ, ଗୋଦାମ ସିଲ୍

ଗଜପତି(ମହାଭାରତ): ଆଜି ସକାଳେ ପାଟ୍ରୋଲିଂ ସମୟରେ ପାରଳାଖେମୁଣ୍ଡି ମଡେଲ ପୋଲିସ ଷ୍ଟେସନର ଏସ୍ ?ଆଇ ପ୍ରଣୟ ଗନ୍ତାୟତଙ୍କ ନେତୃତ୍ୱରେ ପୋଲିସ ଟିମ୍ ରାଣୀପେଣ୍ଟସ୍ଥିତ ହନୁମାନ ଫାୟାରୱାର୍କସ୍ ପଛପଟେ ଥିବା ଏକ ଗୋଦାମରେ ବିନା ବୈଧ ଲାଇସେନ୍ସରେ ବାଣ ମହଜୁଦ ରଖି ବିକ୍ରି କରାଯାଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇଥିଲେ ।ସୂଚନା ଆଧାରରେ ପୋଲିସ ଉକ୍ତ ଗୋଦାମରେ ଚଢ଼ାଉ କରି ବିଭିନ୍ନ ପ୍ରକାରର ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ବାଣ ଜବତ କରିଥିଲା। ଯାଞ୍ଚ ସମୟରେ ନନ୍ଦେଶ ଦୁର୍ଗା (୪୩), ପିତା-ସ୍ୱର୍ଗତ ନନ୍ଦେଶ କୃଷ୍ଣ ରାଓ, ଗ୍ରାମ-ସିଦ୍ଧମଡାଙ୍ଗ, ଉକ୍ତ ଗୋଦାମକୁ ବାଣ ମହଜୁଦ ଓ ବିକ୍ରି ପାଇଁ ବ୍ୟବହାର କରୁଥିବା ଜଣାପଡ଼ିଥିଲା। ସେ ବାଣ ରଖିବା କିମ୍ବା ବିକ୍ରି କରିବା ସମ୍ପର୍କିତ କୌଣସି ବୈଧ ଲାଇସେନ୍ସ/ଅନୁମତିପତ୍ର ଦେଖାଇ ପାରିନଥିଲେ। ପରବର୍ତ୍ତୀ ଯାଞ୍ଚରେ ଗୋଦାମ ଘରଟି ଶ୍ରୀ ଲାଡି ଶ୍ରୀନୁଙ୍କ ମାଲିକାନାରେ ଥିବା ଜଣାପଡ଼ିଥିଲା। ପୋଲିସ ପକ୍ଷରୁ ଉକ୍ତ ଗୋଦାମକୁ ସିଲ୍ କରାଯାଇଛି। ଏହି ଘଟଣାରେ ପାରଳାଖେମୁଣ୍ଡି ପୋଲିସ ଷ୍ଟେସନ କେସ୍ ନଂ. ୪୧୫/୨୦୨୬, ଧାରା ୨୮୮ ଇଘଝ ସହ ଧାରା ୯(ଈ), ରଘଙ୍କୃକ୍ଷକ୍ଟସ୍ୱସଙ୍ଗରସ୍ୱ ଇମସ୍ୱ, ୧୮୮୪ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ବୋଲି ଗଣ ମଧମ କୁ ପାରଳାଖେମୁଣ୍ଡି ଥାନା ପକ୍ଷ ରୁ ସୂଚନା ପ୍ରଦାନ କରାଯାଇଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ 'ନମୋ ସେବା ଗାଥା' ନାଟକ ପରିବେଷଣ



ଗଜପତି(ମହାଭାରତ):କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ସେପଟ୍ମେର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ-୨୦୨୬' ପାଳନ କରାଯାଉଛି। ଏହି ଅଭିଯାନ ଅନ୍ତର୍ଗତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଜପତି ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ ସ୍ତରରେ ସ୍ଥାନୀୟ କଳାକାରମାନଙ୍କୁ ନେଇ 'ନମୋ ସେବା ଗାଥା' ନାଟକ ପରିବେଷଣ କରାଯାଉଛି। ଏହି କ୍ରମରେ ଆଜି ଜିଲ୍ଲାସ୍ତରୀୟ 'ନମୋ ସେବା ଗାଥା' ନାଟକ ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ପରିବେଷଣ କରାଯାଇଥିଲା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଚୟନିତ ନାଟକ ଦଳ ଦ୍ୱାରା ଏହି ନାଟକ ପରିବେଷିତ ହୋଇଥିଲା। ନାଟକ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ସେବା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ କାମଦେବ ବଡ଼ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦୟାମୟ ପାଢ଼ୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ମଞ୍ଚାସୀନ ଥିଲେ।ସ୍ଥାନୀୟ କଳାକାରମାନଙ୍କ ଅଂଶଗ୍ରହଣ ଏବଂ ନାଟକ ମାଧ୍ୟମରେ ସରକାରୀ ଯୋଜନା ଓ ଜନସେବାର ବାର୍ତ୍ତା ପ୍ରଚାର ଏହି ଅଭିଯାନକୁ ଅଧିକ ଜନାଭିମୁଖୀ କରିଥିଲା।

## ଖୋଲିଲା ତାରାତାରିଣୀ ମନ୍ଦିରର ଦାନହୁଣ୍ଡି

**ପୁରୁଷୋତ୍ତମପୁର,:**ଗଞ୍ଜାମ ଜିଲ୍ଲାର ପ୍ରଶିଦ୍ଧ ଇଷ୍ଟ ଦେବୀ ମା ତାରାତାରିଣୀ ମନ୍ଦିର ଦାନ ହୁଣ୍ଡିକୁସୋମବାର ମନ୍ଦିର ନିର୍ବାହୀଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦକୁମାର ବେହେରାଙ୍କ ତତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି, ଜିଲ୍ଲା ପ୍ରଶାସନ ପୋଲିସ ଓ ସେବାୟତଙ୍କ ଉପସ୍ଥିତ ରେ ଖୋଲାଯାଇଛି । ଏହି ହୁଣ୍ଡି ମଧ୍ୟରୁ ସୁନା,ରୂପା ଅଳଙ୍କାରଓ ବିଦେଶି ନୋଟ ସହ ସମୁଦାୟ ୨୫ ଲକ୍ଷ ୯୧ ହଜାର ୭୪୩ ଟଙ୍କା ମିଳିଛି । ଏହି ସମୟରେ ମାଜିଷ୍ଟ୍ରେଟ ଦାଇତ୍ୱରେ କେ.ଦେବାଶିସ ମହାପାତ୍ର, ଆଶିଶ କୁମାର ସାହୁ,ପୁରୁଷୋତ୍ତମପୁର ଥାନା ଏଏସଆଇ କିରଣ କୁମାର ବକ୍ସି, ସେବାୟତ ବାପୁଜିରଣା , ପୋଲିସ କର୍ମଚାରୀ ଓ ତହସିଲ କର୍ମକାରୀ ମାନେ ଉପସ୍ଥିତ ବିଳମ୍ବିତ ରାତ୍ରପର୍ଯ୍ୟନ୍ତ ଗଣତିରେ ଲାଗିଥିଲେ ।

## ଗଜଲକ୍ଷ୍ମୀ ପୂଜାର ଶତବାର୍ଷିକୀ ପ୍ରସ୍ତୁତି



**କେନ୍ଦ୍ରାପଡ଼ା:**ଚଳିତବର୍ଷ କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜାକୁ ଶହେବର୍ଷ ପୁରୁଛି। ପୂଜାକୁ ଶାନ୍ତି,ଶୃଙ୍ଖଳାର ସହ ସମାପନ କରିବା ପାଇଁ ସୋମବାର ସନ୍ଧ୍ୟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶହେବର୍ଷ ପୂର୍ତ୍ତି ହେଉଥିବାରୁ ପୂଜାକୁ ଅଧିକ ରଙ୍ଗାୟିତ କରିବା ପାଇଁ ମେଲୋଡି କାର୍ଯ୍ୟକ୍ରମକୁ ରାତି ୧୨ଟା ପର୍ଯ୍ୟନ୍ତ ଚଲାଇ ରଖିବା, ପୂଜା ଆରମ୍ଭ ଦିନରୁ ପ୍ରତ୍ୟେହ ରାତ୍ର ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ପାଇଁ ଅନୁମତି ଓ ମେଲଣ ଏବଂ ଭଷାଣୀ ଦିନ ରାତି ୧୨ଟା ପର୍ଯ୍ୟନ୍ତ ସାଉଣ୍ଡସିଷ୍ଟମ ଓ ବାଜା ବଜାଇବାକୁ ଅନୁମତି ପ୍ରଦାନ ପାଇଁ ଦାବି କରାଯାଇଥିଲା। ଗତ ବର୍ଷ ଭଷାଣୀ ଉତ୍ସବରେ ରାତି ୧୦ଟା ବାଜିବା କ୍ଷଣି ପୋଲିସ ମାଇକ ଓ ବାଜାକୁ ବନ୍ଦ କରିଦେବାରୁ କମିଟି ସଦସ୍ୟଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପୁନର୍ବାର ବାଜା ବଜାଇବାକୁ ଅନୁମତି ପ୍ରଦାନ କରାଯିବା ପରେ ଶାନ୍ତି,ଶୃଙ୍ଖଳା ସହିତ ଭଷାଣୀ ଉତ୍ସବ ସମାପନ ହୋଇଥିଲା। ଚଳିତ ବର୍ଷ ସେଭଳି ନକରିବାକୁ ନିବେଦନ କରାଯାଇଥିଲା। ଏଥିସହ ବୈଠକରେ ଗଜଲକ୍ଷ୍ମୀ ପୂଜା ପାଇଁ ସମନ୍ୱୟ କମିଟି ଗଠନ, ପୂଜା କମିଟି ଗୁଡ଼ିକୁ ସିଙ୍ଗଲ ଉଇଣ୍ଡୋ ମାଧ୍ୟମରେ ଅନୁମତି ପତ୍ର ପ୍ରଦାନ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟସେବା, ପରିମଳ, ଆଲୋକୀକରଣ ଓ ଜଳ ଯୋଗାଣ, ଅଗ୍ନି ନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ବେଆଇନ ଚାନ୍ଦା ଆଦାୟ ରୋକିବା ଏବଂ ନିଶା ନିବାରଣ ପ୍ରଭୃତି ବିଷୟ ଗୁଡିକ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ୧୦୦ ବର୍ଷ ପୂରଣ କରୁଥିବାରୁ ଏହି ଶତବାର୍ଷିକୀକୁ ମହାଆଡମ୍ବର ସହକାରେ ପାଳନ କରାଯିବା ନିମନ୍ତେ ବିଶେଷ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଶତବାର୍ଷିକୀ ଉପଲକ୍ଷେ ୧୦୦ ବର୍ଷ ପୂର୍ତ୍ତିର ତୋରଣ ସ୍ଥାପନ କରାଯିବା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆମ୍ବୁଲାନ୍ସ କରିଡର ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା, ଜରୁରୀକାଳୀନ ସେବା ପାଇଁ ରାସ୍ତା ସୁଗମ ରଖିବା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସଂପୃକ୍ତ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ କହିଲେ ଆସନ୍ତା ୧୩ତାରିଖ ମଧ୍ୟରେ ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ କେନ୍ଦ୍ରାପଡା ସହରକୁ ସଂଯୋଗ କରୁଥିବା ବିଭିନ୍ନ ବିଭାଗର ରାସ୍ତା ଗୁଡିକର ମରାମତି ମଧ୍ୟ ଆସନ୍ତା ୧୩ତାରିଖ ମଧ୍ୟରେ ଶେଷ କରିବାକୁ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହାବ୍ୟତିତ ଗଜଲକ୍ଷ୍ମୀ ପୂଜା ଆରମ୍ଭ ଠାରୁ ଭଷାଣୀ ପର୍ଯ୍ୟନ୍ତ ଦୈନିକ ରାତି ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ପାଇଁ ଅନୁମତି ଦେବାକୁ ବିଧାୟକ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ତିନିମୁହାଣୀ ଛକରେ ଗଜଲକ୍ଷ୍ମୀ ପୂଜା ଶତବାର୍ଷିକୀ ଉପଲକ୍ଷେ ପୌରସଂସ୍ଥା ପକ୍ଷରୁ ଏକ ତୋରଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ଦୁହୁରିଆ, ଗୁଲନଗର ଓ କପାଳେଶ୍ୱର ପଞ୍ଚାୟତର ଗରାପୁର ଛକରେ ଶତବାର୍ଷିକୀ ଉପଲକ୍ଷେ ତୋରଣ ଓ ଲାଇଟ ସାଜସଜ୍ଜା ସହ ଅସ୍ଥାୟୀ ପରିମଳ ବ୍ୟବସ୍ଥା କରାଯିବାକୁ ଜିଲ୍ଲାପାଳ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପୁନର୍ଜନ୍ମ ଅପେକ୍ଷାରେ ଶରଣକୁଳ ଇକୋ ଟୁରିଜିମ

# ୮୦ ଲକ୍ଷ ଟଙ୍କାର ଘର,ଶିଶୁ ଉଦ୍ୟାନ ଭୁତକୋଠ




ଓଡ଼ଗାଁ,(ମହାଭାରତ)ଓଡ଼ାଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ନିକଟସ୍ଥ ଝାଡେଶ୍ୱରୀ ଇକୋ ଟୁରିଜିମକୁ ନେଇ ଅଞ୍ଚଳବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଧୂଳିସାତ୍ ହୋଇଯାଇଛି।୬୨ ଲକ୍ଷର ଘର ଭୂତକୋଠି ପାଲଟିଥିବାବେଳେ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଥିବା ଶିଶୁଉଦ୍ୟାନ ପାର୍କ ଜଙ୍ଗଲ ପାଲଟିଛି।ଇକୋ ଟୁରିଜିମ ପୁନର୍ଜନ୍ମ ପାଇବ କିନାହିଁ ତାକୁନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି।ବନ କର୍ମଚାରୀମାନେ ୮୦ ଲକ୍ଷ ଟଙ୍କାର ପାର୍କ ବରର୍ବାଦ କରି ଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି।ସୂଚନା ଅନୁଯାୟୀ ୩ ବର୍ଷ ତଳେ ଶରଣକୁଳର ଝାଡେଶ୍ୱରୀ ମନ୍ଦିରକୁ ଲାଗିଥିବା ବନ ବିଭାଗ ଜାଗାରେ ଇକୋ ଟୁରିଜିମ୍ କରିବାକୁ ଯୋଜନା କାର୍ଯ୍ୟକାରୀ ହୋଇଥିଲା।ତତ୍କାଳୀନ ରଣପୁର ବିଧାୟକଙ୍କ ପ୍ରଚେଷ୍ଟାରେ ୬୨ ଲକ୍ଷ ଟଙ୍କାରେ ଝାଡେଶ୍ୱରୀ ନ୍ୟାଚୁର ପାର୍କ ନିର୍ମାଣ କରାଗଲା।ସୁନ୍ଦର ଗେଟ ସାଙ୍ଗକୁ ଟିକେଟ କାଉଣ୍ଟର ଘର,ଶୌଚାଳୟ,ମିଟିଂ ହଲ,ଶିଶୁ ଉଦ୍ୟାନ ପାର୍କ,ଭଣ୍ଡାର ପାହାଡ଼ ଉପରକୁ ଚଲା ରାସ୍ତାପାଇଁ ପାହାଚ ନିର୍ମାଣ ଓ ପର୍ଯ୍ୟଟକ କିମ୍ବା ସ୍ଥାନୀୟ ଲୋକେ ବସାବସି କରିବାକୁ ସିମେଣ୍ଟ ଚେୟାର ପକାଯାଇଛି।ଘର ନିର୍ମାଣ ଅତି ନିମ୍ନମାନର କରାଯାଇଥିବା ବେଳେ ଇକୋ ଟୁରିଜିମ୍ ଆଳରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି।ସ୍ଥାନୀୟ ଲୋକଙ୍କ ଟୁରିଜିମ୍ ସ୍ୱପ୍ନ ଅଧାରେ ରହିଯାଇଥିବା ବେଳେ ବନ କର୍ମଚାରୀଙ୍କ ନାକ ତଳେ ସରକାରୀ ସମ୍ପତି ମାଟିରେ ମିଶିବାକୁ ବସିଥିଲେ ମଧ ଦାୟିତ୍ୱହୀନତା ଯୋଗୁଁ ସ୍ୱପ୍ନ ଭାଙ୍ଗିଯାଇଛି।ଏତେ ଟଙ୍କାର ପ୍ରକଳ୍ପର ଦାୟିତ୍ୱ ନ ନେବା ପଛରେ ବନାଞ୍ଚଳ ପ୍ରଛନ ହାତ ଥିବା କୁହାଯାଉଛି।ପ୍ରତିଦିନ ଏଠାକୁ ସ୍ଥାନୀୟ ଲୋକେ ଏବଂ ଶିଶୁମାନେ ପାର୍କକୁ ଆସି ମନଭରି ଉପଭୋଗ କରୁଥିଲେ ଓ ବୃଦ୍ଧବୃଦ୍ଧାମାନେ ଚଲା ରାସ୍ତାରେ ପାହାଡ଼ ଉପରକୁ ଯିବା ଆସିବା କରି ଆନନ୍ଦିତ ହେଉଥିଲେ।ଧିରେ ଧିରେ ଏହି ପାର୍କ ଉପରୁ ଲୋକେ ମୁହଁ ଫେରାଉଥିବା ଦେଖିବାକୁ ମିଳିଛି। ରକ୍ଷଣାବେକ୍ଷଣ ଅଭାବରୁ ଘର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ଶିଶୁ ଉଦ୍ୟାନ ପାର୍କ ଜଙ୍ଗଲରେ ପରିଣତ ହେଲାଣି। ପାର୍କରେ ଲାଗିଥିବା ବିଭିନ୍ନ ଦୋଳି, ଖସଡ଼ା କାମରେ ଲାଗୁନି। ସେହି ପାର୍କ ଭିତରକୁ ଯିବାକୁ ଲୋକେ ଏବେ ନାକ ଟେକୁଛନ୍ତି। ଇକୋ ଟୁରିଜିମ୍ ଠାରୁ ବନାଞ୍ଚଳ କାର୍ଯ୍ୟାଳୟ ମାତ୍ର ଦୁଇଶହ ମିଟର ଦୂରତାରେ ଏଭଳି ଦୃଶ୍ୟ ସମସ୍ତଙ୍କୁ ଚକିତ କରିଦେଇଛି। ନିକଟରେ ଝାଡେଶ୍ୱରୀଙ୍କ ମନ୍ଦିର ଥିବାରୁ ପ୍ରତିଦିନ ଶହ ଶହ ଭକ୍ତ ଏଠାକୁ ଆସିଥାନ୍ତି ଓ ପାର୍କର ଭରପୁର ମଜା ଉଠାଇଥାନ୍ତି କିନ୍ତୁ ତାହା ବନ୍ଦ ହୋଇଯାଇଛି।୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଇକୋ ଟୁରିଜିମ୍ ନଷ୍ଟ କରିବା ପଛରେ ବନ କର୍ମଚାରୀଙ୍କ ହାତ ଥିବା କୁହାଯାଉଛି।ଏହି ଇକୋ ଟୁରିଜିମ୍ ପାଇଁ ବନବିଭାଗ ପକ୍ଷରୁ କୌଣସି ଉଦ୍ୟମ କରାଯାଇନାହିଁ।ସେତିକି ନୁହଁ ବ୍ଲକ୍ ପ୍ରଶାସନ ପକ୍ଷରୁ ମନରେଗା ଯୋଜନାରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚଆ କରିଥିଲେ ମଧ ତାହା ଲୋକଙ୍କ କାମରେ ଆସୁନଥିବାରୁ ଇକୋ ଟୁରିଜିମ୍ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଛି।ଘଟଣାରେ ପଞ୍ଚିରିଡ଼ା ବନାଞ୍ଚଳ ଅଧିକାରୀ ନରେନ୍ଦ୍ର ଗମଙ୍ଗୋ ବିଭିନ୍ନ ଟିପଣୀ ଦେଇଛନ୍ତି।ଏହା ମୋ ସମୟର ନୁହେଁ ବୋଲି କହିଥିବାବେଳେ ଇକୋ ଟୁରିଜିମ୍ ଦାୟିତ୍ୱ ପ୍ରତି ଅବହେଳା କରିବା ବେଶ୍ ବାରି ହେଉଥିଲା।ଇକୋ ଟୁରିଜିମ୍ କାର୍ଯ୍ୟକାରୀ କରିବାପାଇଁ ଅନୁଦାନର ଆବଶ୍ୟକତା ରହିଛି।ତଥାପି ମୁଁ ଦୃଷ୍ଟି ଦେବିବୋଲି କହିଥିଲେ।

## କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସମ୍ବଳ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, କାଉନସିଲର,ବାଳକୃଷ୍ଣ ପାତ୍ର ବାବୁନା ବେହେରା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି କିଶୋର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବେଣୁ ପାଢ଼ୀ, ଭଗବତ ପାଢ଼ୀ , ବିଚିତ୍ର। ନନ୍ଦ ବେବର୍ତ୍ତା, ପ୍ରମୁଖ ମଞ୍ଚ।ସିନ ଥିଲେ ।ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଯେଉଁମାନେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବେ ସେମାନେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ।ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ କରିବା ସହ ନିଜର ରୁଚି, ଇଚ୍ଛା ଅନୁସାରେ ଭବିଷ୍ୟତ ଗଢିବାରେ ସଫଳ ହେବା ତତ ସଙ୍ଗେ ସଙ୍ଗେ ଓଡ଼ିଶାର କଳା ସଂସ୍କୃତି ଏବଂ ଐତିହ୍ୟ ଅତ୍ୟନ୍ତ ଉଚ୍ଚ କୋଟିର ଏହି କଳା ସଂସ୍କୃତି ଐତିହ୍ୟକୁ ପିଲାମାନେ ଜାଣିବେ ଓ ବଜାୟ ରଖିବେ।

### ଲାଞ୍ଚ ଗ୍ରହଣ ମାମଲା

## ବାଉଁଶୁଣୀ ପୂର୍ବତନ ପୋଲିସ ଏସ୍ଆଇଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**ବୌଦ୍ଧ,।:** ଲାଞ୍ଚ ଗ୍ରହଣ ମାମଲାରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଜଣେ ପୂର୍ବତନ ପୋଲିସ ସବ୍-ଇନ୍ସପେକ୍ଟରଙ୍କ ବିରୋଧରେ ଦୋଷ ସାବ୍ୟସ୍ତ କରିବାରେ ସଫଳ ହୋଇଛି। ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନାର ପୂର୍ବତନ ସବ୍- ଇନ୍ସପେକ୍ଟର ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ ବିକ୍ରମ କିଶୋର ଦେହୁରୀଙ୍କୁ ଆଜି ମାନ୍ୟବର ସ୍ପେଶାଲ ଜଜ୍, ଭିଜିଲାନ୍ସ, ଫୁଲବାଣୀ ଦୋଷୀ ସାବ୍ୟସ୍ତ କରିଛନ୍ତି।ବିକ୍ରମ କିଶୋର ଦେହୁରୀ ଜଣେ ଅଭିଯୋଗକାରୀଙ୍କଠାରୁ ତାଙ୍କ ଜବତ ମୋଟରସାଇକେଲ୍‌କୁ ଅଦାଲତଙ୍କ ଆଦେଶ ସତ୍ତ୍ୱେ ମୁକ୍ତ କରିବା ପାଇଁ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରି ଗ୍ରହଣ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।ଏହି ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ଥାନା କେସ୍ ନମ୍ବର ୨୩, ତା. ୨୦.୧୧.୨୦୨୩, ଧାରା ୭, Prevention of Corruption (Amendment) Act, ୨୦୧୮ ଅନୁଯାୟୀ ମାମଲା ରୁଜୁ ହୋଇଥିଲା।ମାନ୍ୟବର ସ୍ପେଶାଲ ଜଜ୍, ଭିଜିଲାନ୍ସ, ଫୁଲବାଣୀ ଅଭିଯୁକ୍ତ ବିକ୍ରମ କିଶୋର ଦେହୁରୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦,୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।ଉଲ୍ଲେଖନୀୟ ଯେ, ଓଡ଼ିଶା ଭିଜିଲାନ୍ସର ଘନିଷ୍ଠ ତଦାରଖ ଓ ନିରନ୍ତର ମନିଟରିଂ ଫଳରେ ମାମଲାର ତଦନ୍ତ ଓ ବିଚାର ପ୍ରକ୍ରିୟା ମାତ୍ର ୨ ବର୍ଷ ୧୧ ମାସ ମଧ୍ୟରେ ସମାପ୍ତ ହୋଇ ଅଭିଯୁକ୍ତଙ୍କ ଦୋଷସିଦ୍ଧି ହୋଇଛି।ଅଭିଯୁକ୍ତ ଅବସରପ୍ରାପ୍ତ ସବ୍-ଇନ୍ସପେକ୍ଟରଙ୍କ ଦୋଷସିଦ୍ଧି ପରେ ତାଙ୍କ ପେନସନ୍ ବନ୍ଦ କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ଓଡ଼ିଶା ଭିଜିଲାନ୍ସ। ଏହି ମାମଲାର ତଦନ୍ତ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର ଡିଏସ୍‌ପି ଜଗବନ୍ଧୁ ଅଙ୍ଗାରିଆ କରିଥିବା ବେଳେ, ଭିଜିଲାନ୍ସ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରୋସିକ୍ୟୁଟର ଭି.ଭି. ରାମ ଦାସ ମାମଲା ପରିଚାଳନା କରିଥିଲେ।

## ଅକ୍ଟୋବର ୧୪ରେ କୁରାଳ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଓଡ଼ଗାଁ,/(ମହାଭାରତ):ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ନୋଡାଲ ହାଇସ୍କୁଲରେ ଆସନ୍ତା ୧୪ ତାରିଖ ବୁଧବାର ଦିନ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୬ ଅନୁଷ୍ଠିତ ହେବ।ଏଥିରେ କୁରାଳ,ଗିରିଡିପଲ୍ଲୀ ଓ ପାଣ୍ଡେରିପଡା ପଞ୍ଚାୟତର ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ।ଏନେଇ ଆଜି ନୋଡାଲ ହାଇସ୍କୁଲ ଠାରେ ସିଆରସିସି ମନୋଜ କୁମାର ଦାସଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ନିଜ ନିଜର ମତାମତ ପ୍ରଦାନ କରିଥିଲେ।ଉକ୍ତ ଶିଶୁ ମହୋତ୍ସବକୁ ସରସ ସୁନ୍ଦର କରିବା ଓ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକରିବା ପାଇଁ ପ୍ରଧାନ ଶିକ୍ଷକ ଶ୍ରୀସାହୁ ସମସ୍ତଙ୍କୁ ନିବେଦନ କରିଥିଲେ।ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗଣେଶ୍ୱର ସାହୁଙ୍କ ସମେତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମିଶ୍ର, କଲ୍ୟାଣୀ ମହାପାତ୍ର,ପ୍ରକାଶ କୁମାର ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ,ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରମିଳା ସୂତାର,ମହନ୍ତ ସେଠୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

## ଦୁଇ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ବୈତରଣୀ ନଦୀ ଦୁର୍ଗାଦେଇ ପୁର ବାଲିଘାଟ ରୁ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇ ଛି।ସୂଚନା ଅନୁଯାୟୀ ଦୁର୍ଗାଦେଇପୁରସ୍ଥିତ ବୈତରଣୀ ନଦୀ ଘାଟରୁ ବେଆଇନ ଚୋରା ବାଲି ଚାଲାଣ କରାଯାଉଥିବା ପାଟଣା ବନାଞ୍ଚଳ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବାଲି ବୋଝେଇ ଦୁଇଟି ଟ୍ରାକ୍ଟରକୁ ବନ କର୍ମଚାରୀ।ମାନେ ଜବତ କରିଥିଲେ।ଜବତ ଟ୍ରାକ୍ଟର ଦୁଇଟି କୁ ପାଟଣା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇ ଛି।

## ପ୍ରଧାନମନ୍ତ୍ରୀଙ୍କ ଜୀବନଗାଥା ଉପରେ ପଥପ୍ରାନ୍ତ ନାଟକ 'ନମୋ ସେବା ଗାଥା' ପରିବେଷିତ

**ବୌଦ୍ଧ, :**ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ପାଳନ ଅବସରରେ ସମଗ୍ର ଦେଶରେ ଚାଲିଥିବା 'ସେବା ସଙ୍କଳ୍ପ ଅଭିଯାନ' ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲାରେ ଆଜି ପ୍ରଧାନମନ୍ତ୍ରୀଙ୍କ ଜୀବନଗାଥା, ତାଙ୍କର ସଂଘର୍ଷମୟ ଯାତ୍ରା ଏବଂ ଏହି ସମୟରେ ଭାରତର ବିଭିନ୍ନ ଉପଲବ୍ଧିକୁ ନେଇ ପଥପ୍ରାନ୍ତ ନାଟକ 'ନମୋ ସେବା ଗାଥା' ପରିବେଷିତ ହୋଇଯାଇଛି।ବୌଦ୍ଧ ଟାଉନ୍ ହଲ୍ ପରିସରସ୍ଥିତ ଭିକାରୀ କଳାମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ଯୁଗଳ କିଶୋର ସାମଲ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ହରଭଙ୍ଗା ବିଡିଓ କର୍ଣ୍ଣସୁନା ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ସମାଜସେବୀ ମନୋରଞ୍ଜନ ଦାସ, ଶ୍ୟାମସୁନ୍ଦର ପୁରୋହିତ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।କେ.କେ. କ୍ରିଏସନ୍, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି ନାଟକକୁ ନିର୍ଦ୍ଦେଶକ କୈଳାଶ କର ନିର୍ଦ୍ଦେଶନା ଦେଇଥିବାବେଳେ ଟେକ୍ନିକାଲ୍ ଡାଇରେକ୍ଟର ଆଶିଷ ନାୟକ ସହଯୋଗ କରିଥିଲେ। ମୋଦିଙ୍କ ଭୂମିକାରେ ଯୋଗେଶ ଆଚାର୍ଯ୍ୟ ସୁନ୍ଦର ଅଭିନୟ କରିଥିଲେ କ୍ଷ ନାଟକ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ, ସେବା ଓ ସମର୍ପଣର ଭାବନା ସହିତ ଦେଶର ବିକାଶ ଯାତ୍ରାକୁ କଳାତ୍ମକ ଭାବେ ଉପସ୍ଥାପନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ବର୍ଗର ଦର୍ଶକ, ସାଂସ୍କୃତିକପ୍ରେମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି 'ନମୋ ସେବା ଗାଥା' ନାଟକର ମନୋଜ୍ଞ ପରିବେଷଣ ଉପଭୋଗ କରିଥିଲେ।

# ଶିକ୍ଷକ ଅଭାବ : ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ

**ବରଗଡ଼,::** ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି ଛାତ୍ରଛାତ୍ରୀ । ଶିଶୁ ବାଟିକାରୁ ଅଷ୍ଟମ ପର୍ଯ୍ୟନ୍ତ ନଅଟି ଶ୍ରେଣୀ ରହିଥିବା ଏହି ବିଦ୍ୟାଳୟରେ ୫୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ପାଠ ପଢାଇବା କୁ ଅଛନ୍ତି ମାତ୍ର ୨ ଜଣ ଶିକ୍ଷକ । ତେବେ ନଅ ଗୋଟି ଶ୍ରେଣି କୁ ଶିକ୍ଷକ ନ ଥିବାରୁ ଗୋଟିଏ ଶ୍ରେଣି ଗୃହରେ ଦୁଇରୁ ତିନୋଟି ଶ୍ରେଣିର ପିଲା ବସିବାକୁ ବାଧ ହେଉଛନ୍ତି । ଜଣେ ଶିକ୍ଷକ ଦୁଇଟି ଶ୍ରେଣୀରେ ଏକା ସମୟରେ ପାଠ ପଢାଉଛନ୍ତି ।ଏନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ଗାଇସିଲେଟ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ରାମଲାଲ ବରିହା କର୍ଣ୍ଣପାତ ନ କରିବାରୁ ଗାଇସିଲେଟ ଜନଶୁଣାଣୀ ଅଭିଯୋଗରେ ଜିଲ୍ଲାପାଳଙ୍କୁ ମଧ ଅନେକ ଥର ଅଭିଯୋଗ କରିଛନ୍ତି । କିନ୍ତୁ କିଛି ଲାଭ ପାଇ ନ ପାରିବାରୁ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରଛାତ୍ରୀ ମାନେ ପାଠ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନେକ ଛାତ୍ରଛାତ୍ରୀଙ୍କୁ ତାଙ୍କ ଅଭିଭାବକ ମାନେ ଅନ୍ୟ ସ୍କୁଲକୁ ପଠାଇବା ପାଇଁ ବାଧ ହେଉଛନ୍ତି । ପୂର୍ବରୁ ଏହି ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଥିବା ବେଳେ ବର୍ତମାନ ତାହା ୫୪ କୁ ଖସି ସାରିଲାଣି ଯଦି ଏଭଳି ପରିସ୍ଥିତି ରୁହେ ତେବେ ଆଗାମୀ ଦିନରେ ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟ ଛାଡ଼ିଦେବେ ବୋଲି ଅଭିଭାବକ ମାନେ ପ୍ରକାଶ କରିଥିବା ବେଳେ ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରହିବା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରହିବା ନେଇ ନିୟମ ଅଛି । କିନ୍ତୁ ଏଠାରେ ଏଭଳି କ'ଣ ପାଇଁ ବୋଲି ଅଭିଭାବକ ମାନେ ପ୍ରଶ୍ନ ଉଠାଇଛନ୍ତି । ତେବେ ସ୍କୁଲ ରେ ତାଲା ଦେଇ ସ୍କୁଲ ବାହାରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଥିବାର ଦେଖିବାକୁ ମିଳିଥିଲା । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମାଧବ ବରିହା ଘଟଣା ସଂକ୍ରାନ୍ତରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି । ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଇତି ମଧ୍ୟରେ ସ୍କୁଲ ଛୁଟି ହେବା ସମୟ ବିତିଯାଇଥିଲେ ସୁଦ୍ଧା ସ୍କୁଲରେ ପହଞ୍ଚି ନ ଥିଲେ ଶିକ୍ଷା ବିଭାଗର କୌଣସି ଅଧିକାରୀ । ଏପଟେ ତୁରନ୍ତ ବିଦ୍ୟାଳୟରେ ଆବଶ୍ୟକ ଅନୁଯାଇ ଶିକ୍ଷକ ଯୋଗାଇ ନଦେବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି ଛାତ୍ରଛାତ୍ରୀ ।




# ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ




## ଦିଲ୍ଲୀ ପୁଲିସ କର୍ମୀଙ୍କ ଦେହରେ ଲାଗିବ ବଡି-ୱୋର୍ଣ୍ଣ କ୍ୟାମେରା, ନିର୍ଯାତନା ଅଭିଯୋଗ ପରେ ବଡ଼ ପଦକ୍ଷେପ



ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ ଓ ବିକ୍ଷୋଭ ସମୟରେ ପୁଲିସ ବିରୋଧରେ ଆସୁଥିବା ଅସଦାଚରଣ ଓ ନିର୍ଯାତନା ଅଭିଯୋଗକୁ ନେଇ ଦିଲ୍ଲୀ ପୁଲିସ ଏକ ବଡ଼ ପଦକ୍ଷେପ ନେଇଛି । ନୂଆଦିଲ୍ଲୀ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ଓ ଆନ୍ଦୋଳନ ସମୟରେ ମୁତୟନ ପୁଲିସ କର୍ମଚାରୀଙ୍କୁ ବଡି-ୱୋର୍ଣ୍ଣ କ୍ୟାମେରା ପ୍ରଦାନ କରାଯାଇଛି । ଏହି କ୍ୟାମେରା ଦ୍ୱାରା ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ହେଉଥିବା ଆଲୋଚନା, ଧସ୍ତାଧସ୍ତି କିମ୍ବା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନର ସିଧାସଳଖ ଭିଡିଓ ରେକର୍ଡ ରହିବ । ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍ ?କୁ ନେଇ ଜାରି ଥିବା ବିକ୍ଷୋଭ ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ମୁଖ୍ୟାଳୟକୁ ଯାଉଥିବା ରାସ୍ତା, ପ୍ରମୁଖ ପ୍ରତିବାଦ ସ୍ଥଳ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ ହୋଇଥିବା କର୍ମଚାରୀଙ୍କୁ ଏହି କ୍ୟାମେରା ପିନ୍ଧିବାକୁ କୁହାଯାଇଛି । ଏହା ଫଳରେ ପୁଲିସର ଉତ୍ତରଦାୟିତ୍ୱ ବଢ଼ିବା ସହ ଅଭିଯୋଗ ଉଠିଲେ ତାହାର ନିରପେକ୍ଷ ତଦନ୍ତ ପାଇଁ ଭିଡିଓ ପ୍ରମାଣ ମିଳିପାରିବ ।

ଏହି ପଦକ୍ଷେପ ପଛରେ ଅକ୍ଟୋବର ୨ ତାରିଖରେ ଯନ୍ତର ମନ୍ତରରେ ହୋଇଥିବା ପ୍ରତିବାଦ ସମୟର ଏକ ଘଟଣାକୁ ଗୁରୁତ୍ୱପୂର୍ଣ୍ଣ କାରଣ ଭାବେ ଦେଖାଯାଉଛି । ସେହି ସମୟରେ ତିନି ଜଣ ମହିଳା ସାମ୍ବାଦିକା ପୁଲିସ କର୍ମଚାରୀଙ୍କ ବିରୋଧରେ ଯୌନ ନିର୍ଯାତନା ଓ ଦୁର୍ବ୍ୟବହାରର ଗୁରୁତର ଅଭିଯୋଗ ଆଣିଥିଲେ । ଘଟଣାର ତଦନ୍ତ କ୍ରାଇମ୍ ବ୍ରାଞ୍ଚକୁ ଦିଆଯାଇଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ ଏଫଆଇଆର୍ ରୁଜୁ ଦାବିରେ ସାମ୍ବାଦିକମାନେ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ଥାନା ସମ୍ମୁଖରେ ବିକ୍ଷୋଭ ଜାରି ରଖିଛନ୍ତି । ଅନ୍ୟପଟେ, ନୂଆଦିଲ୍ଲୀ, ସେଣ୍ଟ୍ରାଲ୍ ଓ ନୋର୍ଥ ଦିଲ୍ଲୀର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ବହୁସ୍ତରୀୟ ବାରିକେଡ୍ ସହ ବ୍ୟାପକ ପୁଲିସ ଏବଂ ପାରାମିଲିଟାରୀ ବାହିନୀ ମୁତୟନ କରାଯାଇଛି । ଆନ୍ଦୋଳନର ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କ ପାଇଁ ମଧ୍ୟ ଦିଲ୍ଲୀ ପୁଲିସ ଆଡଭାଇଜରୀ ଜାରି କରିଛି । ସାମ୍ବାଦିକମାନଙ୍କୁ ବୈଧ ପରିଚୟପତ୍ର ସ୍ପଷ୍ଟ ଭାବେ ପ୍ରଦର୍ଶନ କରିବା ସହ ପୁଲିସର ସୁରକ୍ଷା କାର୍ଯ୍ୟରେ ବାଧା ନଦେଇ ନିରାପଦ ଦୂରତା ବଜାୟ ରଖିବାକୁ କୁହାଯାଇଛି ।

## ପଦାର୍ଥ ବିଜ୍ଞାନରେ ବେଲଜିୟମ୍ ବୈଜ୍ଞାନିକ ଫ୍ରାନ୍ସିସ୍ ହାଲଜେନ୍‌ଙ୍କୁ ନୋବେଲ ପୁରସ୍କାର



ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ବୈଜ୍ଞାନିକ ଫ୍ରାନ୍ସିସ୍ ହାଲଜେନ୍ ?ଙ୍କୁ ପ୍ରଦାନ କରାଯାଇଛି । ଫ୍ରାନ୍ସିସ୍ ଲୁଇସ୍ ହାଲଜେନ୍ ଜଣେ ବେଲଜିୟମ୍ କଣିକା ବା ପାର୍ଟିକିଲ୍ ଭୌତିକବିଦ୍ । ସେ ୱିସ୍କନସିନ୍-ମାଡିସନ୍ ବିଶ୍ୱବିଦ୍ୟାଳୟର ହିଲଡେଲ୍ ଏବଂ ଗ୍ରେଗୋରୀ ବ୍ରେଟ୍ ବିଶିଷ୍ଟ ପ୍ରଫେସର ଏବଂ ଏହାର ପ୍ରାଥମିକ ପାର୍ଟିକିଲ୍ ଫିଜିକ୍ସ ଇନଷ୍ଟିଚ୍ୟୁଟ୍ ?ର ନିର୍ଦ୍ଦେଶକ ।ତାଙ୍କୁ ଆଇସ୍ ?କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ଏବଂ ଜ୍ୟୋତିର୍ବିକ ଉତ୍ପତ୍ତିର ଉଚ୍ଚ-ଶକ୍ତି ନ୍ୟୁଟ୍ରିନୋ ଆବିଷ୍କାରରେ ତାଙ୍କର ନିର୍ଣ୍ଣାୟକ ଅବଦାନ ପାଇଁ ଏହି ସମ୍ମାନଜନକ ସମ୍ମାନ ପ୍ରଦାନ କରାଯାଇଛି ।

ସେ ଦକ୍ଷିଣ ମେରୁର ବରଫ ଚାଦର ବ୍ୟବହାର କରି ନ୍ୟୁଟ୍ରିନୋ ନାମକ ରହସ୍ୟମୟ କଣିକାଗୁଡ଼ିକୁ ଟ୍ରାକ୍ କରିବା ପାଇଁ ଏକ କୌଶଳ ବିକଶିତ କରିଥିଲେ, ଯାହା ଜ୍ୟୋତିର୍ବିଜ୍ଞାନର ଏକ ସମ୍ପୂର୍ଣ୍ଣ ନୂତନ ଶାଖାର ମୂଳଦୁଆ ସ୍ଥାପନ କରିଛି । ୨୦୨୬ ବର୍ଷ ପାଇଁ ନୋବେଲ ପୁରସ୍କାର ରାଶି ୧୨ ନିୟୁତ ସ୍ୱିଡିସ୍ କ୍ରୋନର(ଭାରତୀୟ ମୁଦ୍ରାରେ ପ୍ରାୟ ୧୧.୫ ରୁ ୧୨ କୋଟି)ସ୍ଥିର କରାଯାଇଛି ।

## ନିର୍ବାଚନ କମିଶନକୁ ରାହୁଲଙ୍କ ସିଧା ପ୍ରଶ୍ନ: 'ଆମ ସହ ଭେଟିବାକୁ ଡର କାହିଁକି ?'



ଭୋଟର ତାଲିକା ଏବଂ ଝଓଜ ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନଙ୍କ ବିରୋଧରେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କ ପ୍ରତିବାଦ ତୀବ୍ର ହୋଇଛି । ମଙ୍ଗଳବାର ଦିଲ୍ଲୀରେ ଓଘଉଓଇ ମେଣ୍ଟର ଅନେକ ସାଂସଦ ସଂସଦ ଭବନରୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଅଭିମୁଖେ ପଦଯାତ୍ରା କରିଥିଲେ । ବିରୋଧୀ ସାଂସଦମାନେ ଭୋଟର ତାଲିକା ଓ ଝଓଜକୁ ନେଇ ନିର୍ବାଚନ ଆୟୁକ୍ତମାନଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବାକୁ ଚାହୁଁଥିବା କହିଛନ୍ତି ।

ଏହି ଘଟଣା ମଧ୍ୟରେ ରାହୁଲ ଗାନ୍ଧୀ ଏକ ଭିଡିଓ ଜାରି କରି ନିର୍ବାଚନ କମିଶନକୁ ପ୍ରଶ୍ନ କରିଛନ୍ତି । ଲୋକସଭା ଓ ରାଜ୍ୟସଭାର ୩୦୦ରୁ ଅଧିକ ବିରୋଧୀ ସାଂସଦ ଦେଶର କୋଟି କୋଟି ଲୋକଙ୍କ ପ୍ରତିନିଧି ହୋଇଥିବା ସତ୍ତ୍ୱେ ସେମାନଙ୍କୁ କମିଶନଙ୍କୁ ଭେଟିବାରୁ କାହିଁକି ରୋକାଯାଉଛି ବୋଲି ସେ ପଚାରିଛନ୍ତି । ନିର୍ବାଚନ କମିଶନ କାର୍ଯ୍ୟାଳୟ ଆଡ଼କୁ ଯାଉଥିବା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ବିରୋଧୀ ସାଂସଦଙ୍କୁ ଆକାଶବାଣୀ ଭବନ ନିକଟରେ ପୁଲିସ ଅଟକାଇଥିଲା । ପରେ ଅନେକ ନେତା ସେଠାରେ ଧାରଣାରେ ବସିଥିଲେ । ଏହି ଅଞ୍ଚଳରେ ଇଘଝଝ ଧାରା ୧୬୩ ଅନୁସାରେ ନିଷେଧାଜ୍ଞା ଲାଗୁ ରହିଥିଲା । କିଛି କଂଗ୍ରେସ କର୍ମୀଙ୍କ ସହ ଉଚଓ(ଗ) ସାଂସଦ ଜନ୍ ବ୍ରିଟାସ ଓ ଭି. ଶିବଦାସନଙ୍କୁ ମଧ୍ୟ ପୁଲିସ ହିରାସତକୁ ନେଇଥିଲା ।

କଂଗ୍ରେସ ନେତା ପବନ ଖେଡା କହିଛନ୍ତି, ନିର୍ବାଚନ କମିଶନ କାର୍ଯ୍ୟାଳୟ କେବଳ କିଛି ଦୂରରେ ଥିବା ସତ୍ତ୍ୱେ ବିରୋଧୀ ନେତାଙ୍କୁ ସ୍ମାରକପତ୍ର ଦେବାକୁ ମଧ୍ୟ ଯିବାକୁ ଦିଆଯାଉନାହିଁ ।

ଅନ୍ୟପଟେ ଝାଡ଼ଖଣ୍ଡର ରାଞ୍ଚିରେ ମଧ୍ୟ ୟୁଥ୍ କଂଗ୍ରେସ କର୍ମୀମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତୀବ୍ର ପ୍ରତିବାଦ କରିଛନ୍ତି । ପ୍ରଦର୍ଶନକାରୀମାନେ ବ୍ୟାରିକେଡ୍ ଭାଙ୍ଗି ମୁଖ୍ୟ ଗେଟ୍ ନିକଟକୁ ପହଞ୍ଚିବା ସହ ବୋର୍ଡରେ କାଳି ବୋଳିଥିଲେ । କଂଗ୍ରେସ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିଛି । ଓଘଉଓଇ ମେଣ୍ଟ ୮ ଅକ୍ଟୋବରରେ ପୁଣିଥରେ ମାର୍ଚ୍ଚ କରିବା ପାଇଁ ପ୍ରସ୍ତୁତି ଚଳାଇଛି ।

## ୧୦ ଅକ୍ଟୋବର ପୂର୍ବରୁ ଇସ୍ତଫା ଦେବେ ଜ୍ଞାନେଶ କୁମାର, ସୌରଭ ଭରଦ୍ୱାଜଙ୍କ ବଡ଼ ଦାବି

ଆମ୍ ଆଦମୀ ପାର୍ଟିର ଦିଲ୍ଲୀ ପ୍ରଦେଶ ଅଧ୍ୟକ୍ଷ ସୌରଭ ଭରଦ୍ୱାଜ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ଏକ ବଡ଼ ଦାବି କରିଛନ୍ତି । ସୌରଭ ଭରଦ୍ୱାଜ କହିଛନ୍ତି ଯେ, ତାଙ୍କ ସୂତ୍ର ଅନୁସାରେ ଜ୍ଞାନେଶ କୁମାର ଅକ୍ଟୋବର ୧୦ ତାରିଖ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇପାରନ୍ତି । ତାଙ୍କର ଏହି ଦାବି ପରେ ନିର୍ବାଚନ କମିଶନକୁ ନେଇ ରାଜନୈତିକ ହଟଚମଟ ଆହୁରି ବଢ଼ିଛି ।

ସୌରଭ ଭରଦ୍ୱାଜ ଯେଉଁ ଅକ୍ଟୋବର ୧୦ ତାରିଖର କଥା କହିଛନ୍ତି, ସେହି ଦିନ 'କକରୋଚ୍ ଜନତା ପାର୍ଟି' (ସିଜେପି) ଜନ୍ତରମନ୍ତରରେ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରଦର୍ଶନ କରିବାକୁ ଘୋଷଣା କରିଛି । ସିଜେପି ଦୀର୍ଘଦିନ ଧରି ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନେଇ ପ୍ରଶ୍ନ ଉଠାଇ ଆସୁଛି । ଦଳର କହିବା ଅନୁସାରେ, ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ଏସ୍ ?ଆଇଆର୍ ? ଉପରେ ରୋକ୍ ନଲାଗିବା ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତାକୁ ନେଇ ପ୍ରଶ୍ନ ଜାରି ରହିବ ।

ବିହାର, ପଶ୍ଚିମବଙ୍ଗ ସମେତ ଅନେକ ରାଜ୍ୟରେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ ?ଆଇଆର୍ ?)କୁ ନେଇ ବିରୋଧୀ ଦଳଗୁଡ଼ିକ କ୍ରମାଗତ ଭାବେ ନିର୍ବାଚନ କମିଶନଙ୍କୁ ଟାର୍ଗେଟ୍ କରୁଛନ୍ତି । ଭୋଟର ତାଲିକାର ଏହି ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ସମୟରେ ଭୁଲ୍ ଭାବେ ଭୋଟରଙ୍କ ନାମ କାଟି ଦିଆଯାଉଛି କିମ୍ବା ଯୋଡ଼ାଯାଉଛି ବୋଲି ବିରୋଧୀଙ୍କ ଅଭିଯୋଗ । ତେବେ ନିର୍ବାଚନ କମିଶନ ଏହି ଅଭିଯୋଗକୁ ନେଇ ନିଜ ପ୍ରକ୍ରିୟା ଏବଂ ନିୟମର ଉଦାହରଣ ଦେଇ ଆସିଛନ୍ତି ।

ଏହି ବିବାଦ ସେତେବେଳେ ଆହୁରି ବଢ଼ିଥିଲା, ଯେତେବେଳେ ଏକ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଗତ ୧୦ ମାସ ମଧ୍ୟରେ ୧୪ଟି ଏଭଳି ଘଟଣା ଘଟିଛି, ଯେଉଁଥିରେ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କ ମତ ଜ୍ଞାନେଶ କୁମାରଙ୍କ ମତଠାରୁ ଭିନ୍ନ ଥିଲା । ଏହାକୁ ଆଧାର କରି ସିଜେପି ମୁଖ୍ୟ ନିର୍ବାଚନ କମିଶନରଙ୍କ ଉପରେ ମନମାନି କରୁଥିବା ଅଭିଯୋଗ ଲଗାଇଛି ।

ସିଜେପିର କହିବା ଅନୁସାରେ, ନିର୍ବାଚନ କମିଶନରେ ନିଷ୍ପତ୍ତି ନେବାକୁ ନେଇ ଯଦି ମତଭେଦ ସାମ୍ନାକୁ ଆସୁଛି, ତେବେ ଏହାର ଗମ୍ଭୀରତାର ସହ ଯାଞ୍ଚ ହେବା ଆବଶ୍ୟକ । ଦଳର ଦାବି ହେଉଛି ଯେ ଜ୍ଞାନେଶ କୁମାର ନିଜ ପଦରୁ ଇସ୍ତଫା ଦିଅନ୍ତୁ ଏବଂ ଏସ୍ ?ଆଇଆର୍ ? ପ୍ରକ୍ରିୟା ଉପରେ ରୋକ୍ ଲଗାଯାଉ । ଏପଟେ ସୌରଭ ଭରଦ୍ୱାଜଙ୍କ ଇସ୍ତଫା ସମ୍ପର୍କିତ ଦାବି ପୂରା ମାମଲାକୁ ଆହୁରି ଚର୍ଚ୍ଚା ମଧ୍ୟକୁ ଆଣିଛି । ତେବେ ଜ୍ଞାନେଶ କୁମାରଙ୍କ ଇସ୍ତଫା ନେଇ ଏହି ଦାବି ଏବେ ସୁଦ୍ଧା ଏକ ରାଜନୈତିକ ଦାବି ଭାବେ ରହିଛି ।

## ସ୍କୁଲରେ ସକାଳ ପ୍ରାର୍ଥନା ସମୟରେ ସମ୍ବିଧାନର ପ୍ରସ୍ତାବନା ପାଠ କରିବା ପାଇଁ ଆବେଦନ

ସୁପ୍ରିମକୋର୍ଟ ସାରା ଦେଶର ସ୍କୁଲଗୁଡ଼ିକରେ ସକାଳ ସଭାରେ ପ୍ରତିଦିନ ସମ୍ବିଧାନର ପ୍ରସ୍ତାବନା ପାଠ କରିବାକୁ ବାଧ୍ୟତାମୂଳକ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲାକୁ ଖାରଜ କରିଦେଇଛନ୍ତି । ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ବିଚାର କରିବାକୁ ମନା କରିଦେଇ କହିଛନ୍ତି ଯେ, ସମ୍ବିଧାନର ପ୍ରସ୍ତାବନା ପୂର୍ବରୁ ସ୍କୁଲ ପାଠ୍ୟକ୍ରମର ଏକ ଅଂଶ ଏବଂ ସାରା ଦେଶରେ ଷଷ୍ଠ ଶ୍ରେଣୀରୁ ଛାତ୍ରଛାତ୍ରୀମାନଙ୍କୁ ପଢ଼ାଯାଇଥାଏ ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜଧାନୀ କଲେଜର ସହାୟକ ପ୍ରଫେସର ଧୀରଜ କୁମାର ଏହି ଆବେଦନ ଦାଖଲ କରିଥିଲେ । ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମ୍ବିଧାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ପାଇଁ ସାରା ଦେଶରେ ଏକ ସମାନ ନୀତି ପ୍ରଣୟନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ସିବିଏସଇକୁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦାବି କରାଯାଇଥିଲା ।

## ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ବଡ଼ ଆଶ୍ୱସ୍ତି: ଯିବାକୁ ପଡ଼ିବନି ଜେଲ୍,ମିଳିଲା ଜାମିନ




କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଜନ୍ତରମନ୍ତର ପ୍ରତିବାଦ ସମୟରେ ନିଶୁ ଆଜାଦଙ୍କ ପିତାଙ୍କ ଉପରେ ଆକ୍ରମଣ ମାମଲାରେ ଅଭିଯୁକ୍ତ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଦେଇଛନ୍ତି । ସ୍ୱତନ୍ତ୍ରଙ୍କୁ ବର୍ତ୍ତମାନ ନିୟମିତ ଜାମିନ ମିଳିଛି । ପୂର୍ବରୁ ସେ ମଧ୍ୟବର୍ତ୍ତୀକାଳୀନ ଜାମିନରେ ଥିଲେ । କୋର୍ଟ ସ୍ୱତନ୍ତ୍ର ଭରଦ୍ୱାଜଙ୍କ ଉପରେ କଠୋର ସର୍ତ୍ତାବଳୀ ଲଗାଇଛନ୍ତି । ଜାମିନ ସର୍ତ୍ତାବଳୀ ସମ୍ପର୍କରେ ଏକ ବିସ୍ତୃତ ନିର୍ଦ୍ଦେଶ ପରେ ଜାରି କରାଯିବ ବୋଲି ସୂଚନା ମିଳିଛି । ଅଭିଯୁକ୍ତ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ପଟିଆଲା ହାଉସ କୋର୍ଟରୁ ଆଶ୍ୱସ୍ତି ମିଳିଛି । ଅତିରିକ୍ତ ସେସନ୍ସ ଜଜ୍ ସୌରଭ ପ୍ରତାପ ସିଂହ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ନିୟମିତ ଜାମିନ ପ୍ରଦାନ କରିଛନ୍ତି । ପୂର୍ବରୁ, ସେପ୍ଟେମ୍ବର ୧୫ ତାରିଖରେ କୋର୍ଟ ତାଙ୍କୁ ତିନି ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ । ଶୁଣାଣି ସମୟରେ ସ୍ୱତନ୍ତ୍ର ଭରଦ୍ୱାଜଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଉମେଶ ଶର୍ମା କହିଥିଲେ ଯେ, ତାଙ୍କୁ ରାଜନୈତିକ କାରଣରୁ ଫସାଇ ଦିଆଯାଇଛି । ତାଙ୍କୁ ଏସସି/ଏସଟି ଆଇନ ଅନୁଯାୟୀ ଗିରଫ କରାଯାଇଥିଲା, କିନ୍ତୁ ପରେ ତାଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁଯାୟୀ ଏକ ଏଫଆଇଆର ରୁଜୁ କରାଯାଇଥିଲା । ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ସେପ୍ଟେମ୍ବର ୪ ତାରିଖରେ ଉତ୍ତର ପ୍ରଦେଶର ବୁଲନ୍ଦସହରରୁ ଗିରଫ କରାଯାଇଥିଲା । ।ଏକ ପୋଡକାଷ୍ଟରେ ସେ ମାଡ଼ ମାରିଥିବା ସ୍ୱୀକାର କରିବା ପରେ ତାଙ୍କ ଗିରଫଦାରୀ ହୋଇଥିଲା । ସେ ନିଶୁ ଆଜାଦଙ୍କ ପିତାଙ୍କ ମୁଣ୍ଡରେ ଆଘାତ କରିଥିଲେ । ଏହି ପୋଡକାଷ୍ଟ ପରେ ସିଜେପି ଏବଂ ଅନ୍ୟ ରାଜନୈତିକ ଦଳର କର୍ମୀମାନେ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ପ୍ରତିବାଦ କରିଥିଲେ । ପ୍ରତିବାଦକାରୀମାନେ କହିଥିଲେ ଯେ, ସ୍ୱତନ୍ତ୍ର ଭରଦ୍ୱାଜ ନିଜେ ଏକ ପୋଡକାଷ୍ଟରେ ଅଭିଯୋଗ ସ୍ୱୀକାର କରିଥିବାରୁ ତାଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହେବା ଉଚିତ୍ । ପ୍ରତିବାଦ ପରେ ତାଙ୍କୁ ଗିରଫ କରାଯାଇଥିଲା । ଜନ୍ତର ମନ୍ତରରେ ପ୍ରତିବାଦ ସମୟରେ, ସିଜେପି ଅଭିଯୋଗ କରିଥିଲା ଯେ, ସାଦା ପୋଷାକ ପିନ୍ଧିଥିବା କିଛି ଲୋକ, ଲାଠି ଏବଂ ରଡ୍ ଧରି ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ କରିଥିଲେ । ପ୍ରତିବାଦ ସମୟରେ ସ୍ୱତନ୍ତ୍ର ଭରଦ୍ୱାଜଙ୍କ ଏକ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।

## ଏନଡିଏ ଦେଇଥିଲା ପ୍ରାର୍ଥୀ, ସମର୍ଥନ କରିଲେ ନାହିଁ ଆରଏଲଏମର ୩ ବିଧାୟକ



ବିହାର ବିଧାନ ପରିଷଦ ନିର୍ବାଚନକୁ ନେଇ ଏନଡିଏ ମେଣ୍ଟ ଭିତରେ ମତଭେଦ ସାମ୍ନାକୁ ଆସିଛି । ବିଶେଷକରି ସାରଣ ଶିକ୍ଷକ ନିର୍ବାଚନ କ୍ଷେତ୍ରକୁ ନେଇ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା, ଅର୍ଥାତ୍ ଆରଏଲଏମରେ ମତଭେଦ ଚର୍ଚ୍ଚାର ବିଷୟ ହୋଇଛି । ଏନଡିଏ ପକ୍ଷରୁ ଜେଡିୟୁ ଆନନ୍ଦ ପୁଷ୍କରଙ୍କୁ ପ୍ରାର୍ଥୀ କରିଥିବା ବେଳେ ଆରଏଲଏମର ତିନି ବିଧାୟକ ସ୍ୱାଧୀନ ପ୍ରାର୍ଥୀ ରାମପୁକାର ସିହ୍ନାଙ୍କୁ ସମର୍ଥନ ଘୋଷଣା କରିଛନ୍ତି ।

ସୋମବାର ରାମପୁକାର ସିହ୍ନା ସାରଣ ଶିକ୍ଷକ ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଥିଲେ । ତାଙ୍କ ନାମାଙ୍କନ ସମୟରେ ଆରଏଲଏମର ତିନି ବିଧାୟକ ମଧ୍ୟ ଉପସ୍ଥିତ ଥିଲେ । ସେମାନେ ହେଲେ ଦିନାରା ବିଧାୟକ ତଥା ଦଳର ରାଜ୍ୟ ସଭାପତି ଆଲୋକ କୁମାର ସିଂହ, ମଧୁବନୀ ବିଧାୟକ ମାଧବ ଆନନ୍ଦ ଏବଂ ବାଜପଟ୍ଟି ବିଧାୟକ ରାମେଶ୍ୱର ମହତୋ । ତିନିଜଣ ଯାକ ରାମପୁକାର ସିହ୍ନାଙ୍କ ସମର୍ଥନରେ ରହିଥିବା ଘୋଷଣା କରିଛନ୍ତି । ଏହି ଘଟଣା ଗୁରୁତ୍ୱପୂର୍ଣ୍ଣ ହେବାର କାରଣ ହେଉଛି, ଆରଏଲଏମର ନିଜେ ଏନଡିଏର ଅଂଶୀଦାର । ସାରଣ ଶିକ୍ଷକ ଆସନରେ ଏନଡିଏ ଜେଡିୟୁର ଆନନ୍ଦ ପୁଷ୍କରଙ୍କୁ ଅଧିକୃତ ପ୍ରାର୍ଥୀ କରିଛି । ତେଣୁ ଏନଡିଏ ପ୍ରାର୍ଥୀଙ୍କ ବଦଳରେ ଆରଏଲଏମର ତିନି ବିଧାୟକ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଦଳୀୟ ମତଭେଦକୁ ନେଇ ଚର୍ଚ୍ଚା ବଢ଼ାଇଛି । ତେବେ ଦଳରେ ବିଦ୍ରୋହ ହୋଇଥିବା କଥାକୁ ଉପେନ୍ଦ୍ର କୁଶୱାହା ଖଣ୍ଡନ କରିଛନ୍ତି । ଆରଏଲଏମର ଅଧ୍ୟକ୍ଷ କହିଛନ୍ତି ଯେ ତାଙ୍କ ଦଳ ଏନଡିଏ ସହିତ ରହିଛି ଏବଂ ଏନଡିଏର ଅଧିକୃତ ପ୍ରାର୍ଥୀଙ୍କୁ ସମର୍ଥନ କରୁଛି । ତାଙ୍କ ଅନୁସାରେ, ଦଳର କୌଣସି ବିଧାୟକ ବିଦ୍ରୋହ କରିନାହାନ୍ତି ।

ଅନ୍ୟପଟେ ଆରଏଲଏମର ରାଜ୍ୟ ସଭାପତି ଆଲୋକ ସିଂହ କହିଛନ୍ତି ଯେ ତିନି ବିଧାୟକ ରାମପୁକାର ସିହ୍ନାଙ୍କ ସହିତ ଅଛନ୍ତି । ରାମପୁକାର ଦୀର୍ଘଦିନ ଧରି ଦଳ ସହିତ ଜଡ଼ିତ ଥିବାରୁ ଏବଂ କାର୍ଯ୍ୟକର୍ତ୍ତାଙ୍କ ସମ୍ମାନକୁ ଦୃଷ୍ଟିରେ ରଖି ତାଙ୍କୁ ସମର୍ଥନ କରାଯାଇଥିବା ସେ କହିଛନ୍ତି । ତିନି ବିଧାୟକ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ରାମପୁକାର ସିହ୍ନାଙ୍କୁ ସମର୍ଥନ କରିବାର ଅର୍ଥ ଏନଡିଏ ସରକାରରୁ ସମର୍ଥନ ପ୍ରତ୍ୟାହାର ନୁହେଁ । ଆରଏଲଏମରେ ମୋଟ ୪ ଜଣ ବିଧାୟକ ଅଛନ୍ତି । ସେଥିରୁ ୩ ଜଣ ରାମପୁକାର ସିହ୍ନାଙ୍କୁ ସମର୍ଥନ କରୁଥିବା ବେଳେ ଚତୁର୍ଥ ବିଧାୟକ ହେଉଛନ୍ତି ଉପେନ୍ଦ୍ର କୁଶୱାହାଙ୍କ ପତ୍ନୀ ସ୍ନେହଲତା । ଏବେ ସାରଣ ଶିକ୍ଷକ ଆସନରେ ଏନଡିଏର ଆନନ୍ଦ ପୁଷ୍କର, ସ୍ୱାଧୀନ ରାମପୁକାର ସିହ୍ନା ଏବଂ ଜନ ସୁରାଜର ଅଫାକ୍ ଅହମଦଙ୍କ ମଧ୍ୟରେ ମୁକାବିଲା ହେବ । ବିହାର ବିଧାନ ପରିଷଦର ଶିକ୍ଷକ ଓ ସ୍ନାତକ ଆସନ ପାଇଁ ଅକ୍ଟୋବର ୨୩ରେ ଭୋଟଗ୍ରହଣ ଏବଂ ଅକ୍ଟୋବର ୨୭ରେ ଭୋଟଗଣତି ହେବ । ତେଣୁ ନିର୍ବାଚନ ପୂର୍ବରୁ ଆରଏଲଏମର ତିନି ବିଧାୟକଙ୍କ ଏହି ପଦକ୍ଷେପ ବିହାର ରାଜନୀତିରେ ଚର୍ଚ୍ଚାକୁ ଆହୁରି ତୀବ୍ର କରିଛି ।

# ଆୟାରଙ୍କ ବିସ୍ଫୋରକ ଶତକ, ପ୍ରଥମ ଟି୨୦ରେ ଭାରତ ବିଜୟୀ

ଲକ୍ଷ୍ନୌ,୬।୧୦: ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ କ୍ୟାପ୍‌ଟେନ୍ ଶ୍ରେୟସ ଆୟରଙ୍କ ସୁପର ଶୋ'। ୱେଷ୍ଟଇଣ୍ଡିଜ୍ ବୋଲିଂକୁ ନିର୍ଘାତ ପ୍ରହାର କରି ଜିତାଇଲେ ମ୍ୟାଚ୍। ପଡିଆସାରା ଖାଲି ଚକ୍କା-ଚୌକା ବର୍ଷା। ରୋଷ୍ଟନ୍ ଚେଜ୍, ମାଥ୍ୟୁ ଫୋର୍ଡ, ଆକିଲ୍ ହୋସେନ୍ ଓ ଶାମର ସ୍ପ୍ରିଙ୍ଗର, କାହାକୁ ଫୁରସତ ଦେଲେନି ଭାରତୀୟ କ୍ୟାପ୍‌ଟେନ୍। ଆଖି ପିଛୁଳାକେ ଆକାଶ ଛୁଆଁ ଛକ୍କା। ଶର୍ଟ ବର୍ଷା। ଦେଖି ୱେଷ୍ଟଇଣ୍ଡିଜ ଇଣ୍ଡିଜ୍ ୧୭୨ ରନ୍ ଟାର୍ଗେଟ୍ ଦେଇଥିଲା। ଜବାବରେ ଭାରତ ମାତ୍ର ୧୪.୪ ଓଭରରେ ଦୁଇ ୱିକେଟ ହରାଇ ଟାର୍ଗେଟ ହାସଲ କରି ନେଇଛି। ଫଳରେ ୱେଷ୍ଟ ଇଣ୍ଡିଜ ଆଜିର ମ୍ୟାଚ୍ ୮ ୱିକେଟ୍‌ରେ ପରାସ୍ତ ହୋଇଛି। ଏହି ବିଜୟ ସହିତ ଭାରତ ଟି-୨୦ ସିରିଜ୍‌ରେ ୧-୦ରେ ଅଗ୍ରଣୀ ରହିଛି। ଏବେ ଦୁଇ ଦେଶ ମଧ୍ୟରେ ସିରିଜର ଦ୍ୱିତୀୟ ଟି-୨୦ ମ୍ୟାଚ୍ ଶୁକ୍ରବାର ଅର୍ଥାତ୍ ୯ ଅକ୍ଟୋବରରେ ରାଞ୍ଚିରେ ଖେଳାଯିବ।




## ୱେଷ୍ଟଇଣ୍ଡିଜ ୧୭୧, ଭାରତ ୧୭୨/୨

ବୋଲରମାନେ ଶ୍ରେୟସଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ଅସହାୟ ଅନୁଭବ କରିଥିଲେ।

ତେବେ ଆଜିର ଶତକ ଶ୍ରେୟସ ଆୟରଙ୍କ ପାଇଁ ଏକ ବଡ ସଫଳତା। କାରଣ ସେ ଆଜି ୨୪୦.୫ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରି ଟି-୨୦ ଅନ୍ତର୍ଜାତୀୟରେ ପ୍ରଥମ ଶତକ ହାସଲ କରିଛନ୍ତି। ୪୩ ବଲ୍‌ରେ ସର୍ବାଧିକ ୧୦୨ ରନ୍ କରିଥିଲେ ଶ୍ରେୟସ ଆୟର। ସେ ତାଙ୍କ ଇନିଂସରେ ୧୦ଟି ଚୌକା ଓ ୬ଟି ଛକା ମାରିଥିଲେ। ଶ୍ରେୟସଙ୍କ ବ୍ୟତୀତ ଆଜି ଇସାନ କିଶନ ୩୭ ରନ୍ ଓ ଓପନର ଅଭିଷେକ ଶର୍ମା ୨୧ ରନର ଯୋଗଦାନ ଦେଇଛନ୍ତି।

ଟସ୍ ହାରି ପ୍ରଥମ ବ୍ୟାଟିଂ କରିଥିବା ୱେଷ୍ଟ ଇଣ୍ଡିଜ୍ର ୧୭୨ ରନର ଟାର୍ଗେଟ୍କୁ ହାସଲ କରିବାକୁ ପଡିଆକୁ ଓହ୍ଲାଇଥିବା ଭାରତ ପ୍ରାରମ୍ଭିକ ୱିକେଟ ବିପର୍ଯ୍ୟୟର ସାମ୍ନା କରିଥିଲା।ଯଦିଓ ଅଭିଷେକ ଶର୍ମା ବିସ୍ଫୋରକ ଆରମ୍ଭ ଦେଇଥିଲେ, ହେଲେ ରୋଷ୍ଟନ ଚେଜଙ୍କ ବଲରେ ଲଙ୍ଗ ଅଫକୁ ଶର୍ଟ ମାରି କ୍ୟାଚ୍ ଆଉଟ ହୋଇଥିଲେ। ଫଳରେ ୨.୩ ଓଭର ଖେଳ ଚାଲିଥିବା ବେଳେ ଦଳୀୟ ସ୍କର ୨୯ ବେଳେ ପ୍ରଥମ ୱିକେଟ୍ ହରାଇଥିଲା ଦଳ। ଆଉଟ ପୂର୍ବରୁ ଅଭିଷେକ ୧୦ ବଲ୍‌ରେ ୨୧ ରନ୍ କରିଥିଲେ। ଯେଉଁଥିରେ ସେ ୩ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହାପରେ ସଞ୍ଜୁସାମସନ ବଡ ଶଟ ମାରିବା ଚକ୍କରରେ ସିଧା ବୋଲର ଅକୀଲ ହୁସେନଙ୍କୁ ହିଁ କ୍ୟାଚ୍ ଦେଇଦେଇଥିଲେ। ୪ ଓଭର ପୂର୍ବରୁ ଲଗାତର ଦୁଇଟି ବଡ ୱିକେଟ ପଡିବା ଭାରତ ପାଇଁ ଚାପ ସୃଷ୍ଟି କରିଥିଲା।ହେଲେ ଶ୍ରେୟସ ଆୟରଙ୍କ ହଠାତ୍ ଏଭଳି ବିସ୍ଫୋରକ ବ୍ୟାଟିଂ ୱେଷ୍ଟ ଇଣ୍ଡିଜ୍ର ସବୁ ଖେଳ ବିଗାଡି ଦେଇଥିଲା। ପଡିଆସାର ଖାଲି ଛକା-ଚୌକା ବର୍ଷା। ଇଶାନ କିଶାନଙ୍କ ସହ ମିଶି ସେ ଖାଲି ଇନିଂସ ସମ୍ଭାଳି ନଥିଲେ ବରଂ ମ୍ୟାଚ୍ ଜିତାଇଥିଲେ।

ଟସ୍ ହାରି ଅତିଥି ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୧ ରନ୍ ସଂଗ୍ରହ କରିଛି। ୱେଷ୍ଟଇଣ୍ଡିଜର ୨ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲା ବେଳେ ଭାରତ ପାଇଁ ନମନ ଧୀର ସର୍ବଶ୍ରେଷ୍ଠ ବୋଲିଂ କରିଛନ୍ତି। ୱେଷ୍ଟଇଣ୍ଡିଜ୍ ପାଇଁ ପ୍ରାରମ୍ଭିକ ବ୍ୟାଟର ସାଇ ହୋପ୍ ଏବଂ ମଧ୍ୟକ୍ରମର ବ୍ୟାଟର ଶେରଫେନ୍ ରଦରଫୋର୍ଡ ଅର୍ଦ୍ଧଶତକ ହାସଲ କରିଥିଲେ। ହୋପ୍ ୩୭ଟି ବଲ୍ ଖେଳି ୬ଟି ଚୌକା ଏବଂ ୨ଟି ଛକା ସହାୟତାରେ ୫୨ ରନ୍ ସଂଗ୍ରହ କରିଥିଲେ। ସେହିପରି ରଦରଫୋର୍ଡ ୩୪ଟି ବଲ୍‌ର ସାମ୍ନା କରି ୫୬ ରନ୍ ଦଳ ପାଇଁ ଯୋଡିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ଦଳର ଅନ୍ୟ ଖେଳାଳିମାନଙ୍କର ଯୋଗଦାନ ଉତ୍ସାହପୂର୍ଣ୍ଣ ନଥିଲା। ଅକିଲ ହୋସେନ୍ ୧୫ ରନ୍, କାମିଲ ପୂରନ ୧୨ ରନ୍ କରିଥିବା ବେଳେ ଦୁଇ ଜଣ ଖେଳାଳି (ରଭମ୍ୟାନ ପାୱେଲ ଏବଂ ଶମର ଜୋସେଫ)ଙ୍କ ଯୋଗଦାନ ଶୂନ୍ୟ ରନ୍ ଥିଲା। ତେବେ ଅନ୍ୟ ଖେଳାଳିମାନେ ମଧ୍ୟ ଦୁଇ ଅଙ୍କ ବିଶିଷ୍ଟ ରନ୍ କରିପାରି ନଥିଲେ। ଭାରତ ପାଇଁ ନମନ ଧୀର ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ୪ ଓଭର ବୋଲିଂ କରି ୩୧ ରନ୍ ଖର୍ଚ୍ଚ କରିଥିଲେ। ଦ୍ରୁତ ବୋଲର ଅକ୍ଷର ପଟେଲ ଏବଂ ସ୍ପିନର କୁଲଦୀପ ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା। ଅର୍ଶଦୀପ ସିଂହ ଏବଂ ମୟଙ୍କ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ମହିଳା ସୁରକ୍ଷା ଅଭିଯାନରେ ଲଭ୍‌ଲୀନା

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସର ମହିଳା ସୁରକ୍ଷା ଅଭିଯାନରେ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ଭାରତୀୟ ମୁଷ୍ଟିଯୋଦ୍ଧା ଲଭ୍‌ଲୀନା ବଡଗୋହାଇଁ ସାମିଲ ହୋଇଛନ୍ତି।



ସୋମବାର ରାଜୌରୀ ଗାର୍ଡେନ ମାର୍କେଟ ଅଞ୍ଚଳରେ ସେ ମହିଳା ପୁଲିସ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରିଛନ୍ତି। ଏହି ଅବସରରେ ଲଭ୍‌ଲୀନା କହିଛନ୍ତି, ‘‘ମହିଳାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ପୁଲିସର ଏହି ପଦକ୍ଷେପ ପ୍ରଶଂସନୀୟ। ଏଭଳି ଅଭିଯାନ ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବ।

ସେମାନେ ଭୟ ନକରି ସ୍ୱାଧୀନ ଭାବେ ଚଳାଚଳ କରିପାରିବେ। ମହିଳା ସୁରକ୍ଷାକୁ ସବୁ ଦିଗରୁ ଗୁରୁତ୍ୱ ଦିଆଗଲେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ’’। ମହିଳା ସଶକ୍ତୀକରଣରେ ମହିଳା କ୍ରୀଡ଼ାବିତ୍‌ଙ୍କ ମଧ୍ୟ ଭୂମିକା ରହିଛି ବୋଲି ଲଭ୍‌ଲୀନା କହିଥିଲେ।

ଦେଶ ପାଇଁ କାମ କରିବା ସହ ମହିଳାଙ୍କ ସଶକ୍ତୀକରଣ ଦିଗରେ ଯୋଗଦାନ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତ ଦେଇଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୨ରେ ଏସୀୟ କ୍ରୀଡ଼ା ମହିଳା ୭୫ କିଲୋଗ୍ରାମ୍ ଫାଇନାଲରେ ଚୀନ୍‌ର ବାଓ ଜିୟିଙ୍କୁ ୫-୦ରେ ହରାଇ ଲଭ୍‌ଲୀନା ସ୍ୱର୍ଣ୍ଣ ଜିତିଥିଲେ। ଏହି ବର୍ଗରେ ଏସୀୟ କ୍ରୀଡ଼ାରେ ଏହା ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ।

## ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟ୍‌ବଲ୍

ଭୁବନେଶ୍ୱର୬।୧୦: : ଆସନ୍ତା ମାସ (ନଭେମ୍ବର) ପ୍ରଥମ ସପ୍ତାହରୁ ୨୮ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏନେଇ ଆୟୋଜକ ଶିବଶକ୍ତି କ୍ଲବ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆୟୋଜକ କ୍ଲବ୍ ପକ୍ଷରୁ ମିଳିଥିବା ସୂଚନାରେ ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାର ୧୬ଟି ଦଳ ଭାଗ ନେବେ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଇଚ୍ଛୁକ ଦଳ ଆୟୋଜକ କ୍ଲବ୍‌ର ସାଧାରଣ ସମ୍ପାଦକ ସୁକାନ୍ତ ପଟ୍ଟନାୟକଙ୍କୁ ୯୮୧୩୮୯୬୮୬ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ତମାଣ୍ଡୋ ଷ୍ଟାଡିଅମ୍‌ରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଖେଳାଯିବ। ଏନେଇ ଫିକ୍ସଚର ପରବର୍ତ୍ତୀ ସମୟରେ କ୍ଲବ ପକ୍ଷରୁ ଜାରି କରାଯିବ ବୋଲି ସାଧାରଣ ସମ୍ପାଦକ କହିଛନ୍ତି।

# ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍‌ର ମୁଖ୍ୟ କୋଚ୍

ନୂଆଦିଲ୍ଲୀ,୬।୧୦: ଭାରତୀୟ କ୍ରିକେଟର ଅନ୍ୟତମ ମହାନ କ୍ୟାପ୍‌ଟେନ ସୌରଭ ଗାଙ୍ଗୁଲି ଆଇପିଏଲକୁ କମବ୍ୟାକ କରିଛନ୍ତି। ପ୍ରଥମଥର ପାଇଁ ଗାଙ୍ଗୁଲିଙ୍କୁ କୌଣସି ଆଇପିଏଲ ଟିମର ମୁଖ୍ୟ କୋଚ ଭାବେ ଦେଖିବାକୁ ମିଳିବ। ଆଗାମୀ ୨୦୨୭ ଆଇପିଏଲ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ପାଇଛନ୍ତି ସୌରଭ।

ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସରେ ଡିରେକ୍ଟର ଅଫ କ୍ରିକେଟ ଓ ମାର୍ଗଦର୍ଶକ ଭାବେ ଗାଙ୍ଗୁଲି କାମ କରିଥିଲେ। କିନ୍ତୁ ସେ କେବେ ବି କୌଣସି ଟିମର ମୁଖ୍ୟ କୋଚ୍ ଭାବେ କାମ କରି ନଥିଲେ। ହେଲେ ହେମାଙ୍ଗ ବଦାନିଙ୍କ ସେଟ୍ ଅପ୍ ଦିଲ୍ଲୀ କ୍ୟାପିଟାଲ୍ସରୁ ବିଦାୟ ନେବା ପରେ ଏବେ ଗାଙ୍ଗୁଲିଙ୍କୁ ମୁଖ୍ୟ କୋଚ ଭାବେ ସୁଯୋଗ ମିଳିଛି। ଏହାପୂର୍ବରୁ ରିକି ପଣ୍ଟିଂ ଦିଲ୍ଲୀର ମୁଖ୍ୟ କୋଚ ଥିବା ବେଳେ ଗାଙ୍ଗୁଲି କୋଚିଂ ଷ୍ଟାଫ ଭାବେ କାର୍ଯ୍ୟ କରିଥିଲେ।

ନିକଟରେ ଦକ୍ଷିଣ ଆଫ୍ରିକା ଟି୨୦ ଲିଗରେ ପ୍ରେଟୋଆ କ୍ୟାପିଟାଲ୍ସର କୋଚିଂ ଦାୟିତ୍ୱ ତାଙ୍କୁ ମିଳିଥିଲା। ସେହିପରି ପୂର୍ବରୁ ସେ ବିସିସିଆଇ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ



ବେଙ୍ଗଲ କ୍ରିକେଟ ଆସୋସିଏସନର ମୁଖ୍ୟ ହେଉଛନ୍ତି ଗାଙ୍ଗୁଲି। ତେଣୁ ତାଙ୍କ ପାଖରେ କୋଚିଂ ସହ ପ୍ରଶାସନିକ ଅଭିଜ୍ଞତା ମଧ୍ୟ ରହିଛି। ଦିଲ୍ଲୀ କ୍ୟାପିଟାଲ୍ସ ସୋଶାଲ ମିଡିଆରେ ଗାଙ୍ଗୁଲିଙ୍କ ନିଯୁକ୍ତି ସମ୍ପର୍କରେ ଦମଦାର ଷ୍ଟାଇଲରେ ଘୋଷଣା କରିଛି। ୨୦୨୭ ଆଇପିଏଲରେ ଦାଦାଗିରି ହେବ ବୋଲି ଫ୍ରାଞ୍ଚାଇଜ କହିଛି। ଦିଲ୍ଲୀ କ୍ୟାପିଟାଲ୍ସର ଅଧ୍ୟକ୍ଷ ପାର୍ଥ ଜିନ୍ଦଲ ମଧ୍ୟ ଗାଙ୍ଗୁଲିଙ୍କୁ ସ୍ୱାଗତ କରିଛନ୍ତି।

ଗାଙ୍ଗୁଲି ମୁଖ୍ୟ କୋଚ ଦାୟିତ୍ୱ ପାଇଥିବା ବେଳେ ଆଗାମୀ ଦିନରେ ଅନେକ ହାଇପ୍ରୋଫାଇଲ୍ ଷ୍ଟାରଙ୍କୁ କୋଚିଂ ଟିମରେ ସୁଯୋଗ ମିଳିପାରେ। ରିପୋର୍ଟ ଅନୁସାରେ, ଯୁବରାଜ ସିଂହ ଦିଲ୍ଲୀ କ୍ୟାପିଟାଲ୍ସର ବ୍ୟାଟିଂ କୋଚ ଓ ଚାମିଣ୍ଡା ଭାସଙ୍କୁ ଦ୍ରୁତ ବୋଲିଂ କୋଚ ଦାୟିତ୍ୱ ମିଳିପାରେ। ସେହିପରି ଭେଟରାନ ଲେଗ ସ୍ପିନର ଅମିତ ମିଶ୍ର ସ୍ପିନ ବୋଲର କୋଚ ହୋଇପାରନ୍ତି। ୨୦୨୭ରେ ସ୍ଥାନୀୟ ହିରୋ ଋଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିବେ। ସେ ଦିଲ୍ଲୀ ପାଇଁ ଆଇପିଏଲ ଡେବ୍ୟୁ କରିଥିବା ବେଳେ ବେଶ କିଛି ବର୍ଷ ହେବ ଲକ୍ଷ୍ନୌ ପାଇଁ ଖେଳୁଥିଲେ। ହେଲେ ୨୦୨୭ ପୂର୍ବରୁ ଦିଲ୍ଲୀ ପୁଣି ପନ୍ତଙ୍କୁ ନିଜ ପାଖକୁ ଆଣିଛି।

# ଅଧିନାୟକ ପଦ ଛାଡ଼ିଲେ ହରମନପ୍ରୀତ

ନୂଆଦିଲ୍ଲୀ,୬।୧୦: ଅପ୍ରତ୍ୟାଶିତ ଢଙ୍ଗରେ ଭାରତୀୟ ମହିଳା କ୍ରିକେଟ ଟିମର ଅଧିନାୟକ ପଦ ଛାଡି ଦେଇଛନ୍ତି ବରିଷ୍ଠ ଖେଳାଳି ହରମନପ୍ରୀତ କୌର। ତାଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ପ୍ରଥମଥର ଦିନିକିଆ ବିଶ୍ୱକପ ଜିତିଥିଲା।ନିକଟରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ପଦକ କବଜା କରିଥିଲା। ହେଲେ ଆଜି ହଠାତ୍ ହରମନପ୍ରୀତ କୌର ଅଧିନାୟକ ଛାଡିବା ନେଇ ଘୋଷଣା କରିଛନ୍ତି।

ଇନଷ୍ଟାଗ୍ରାମରେ ଗୋଟିଏ ଲମ୍ବା ପୋଷ୍ଟ କରି ବେଶ ଭାବବିହ୍ୱଳ ଢଙ୍ଗରେ ସେ କ୍ୟାପ୍‌ଟେନ ପଦକୁ ଅଲବିଦା କହିଛନ୍ତି। ସେ ଅଧିନାୟକ ପଦ ଛାଡିଥିଲେ ହେଁ ଭାରତୀୟ ଟିମ ପାଇଁ ଜଣେ ସାଧାରଣ ଖେଳାଳି ହିସାବରେ ସେବା ଯୋଗାଇବେ ଓ ଦଳକୁ ଆହୁରି ଅନେକ କିଛି ସଫଳତା ଭେଟି ଦେବେ ବୋଲି ମଧ୍ୟ କହିଛନ୍ତି। ହରମନପ୍ରୀତ କୌର ଭାରତୀୟ ମହିଳା କ୍ରିକେଟର ସବୁ ଫର୍ମାଟର କ୍ୟାପ୍‌ଟେନ ପଦ ଛାଡିଥିବା ନିଜ ପୋଷ୍ଟରେ ସମସ୍ତଙ୍କୁ ଜଣାଇ ଦେଇଛନ୍ତି।




୩୭ ବର୍ଷୀୟ ହରମନପ୍ରୀତ ପ୍ରଥମେ ୨୦୧୨ରେ ଅସ୍ଥାୟୀ ଭାବେ ଭାରତୀୟ ମହିଳା ଟିମର କମାଣ ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ସେହି ବର୍ଷ ଭାରତ ମହିଳା ଟି-୨୦ ଏସିଆ କପ ଜିତିଥିଲା। ଏହାପରେ ୨୦୧୬ରେ ତାଙ୍କୁ ସ୍ଥାୟୀ ଭାବେ ମହିଳା କ୍ରିକେଟର ସବୁ ଫର୍ମାଟର କ୍ୟାପ୍‌ଟେନ ଭାବେ ନିଯୁକ୍ତି ମିଳିଥିଲା। ଆଉ ତାଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟରେ ଅନେକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡି ହୋଯାଇଥିଲା। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ୫ଯି ଟେଷ୍ଟ, ୫୧ଟି ଦିନିକିଆ ଓ ୧୫୫ଟି ଟି-୨୦ ମ୍ୟାଚ୍ ଖେଳିଛି। ୨୦୨୫ରେ ଦଳ ପ୍ରଥମଥର ପାଇଁ ଦିନିକିଆ ବିଶ୍ୱକପ ଜିତିବାର ସଫଳତା ହାସଲ କରିଥିଲା। ଏଥିସହ ଲର୍ଡସରେ ଇଂଲଣ୍ଡ ବିପକ୍ଷରେ ଖେଳା ଯାଇଥିବା ପ୍ରଥମ ମହିଳା ଟେଷ୍ଟରେ ଭାରତ ହରମନଙ୍କ ନେତୃତ୍ୱରେ ଐତିହାସିକ ବିଜୟ ହାସଲ କରିବାକୁ ସକ୍ଷମ ହୋଇଥିଲା।

ଏତେ ସବୁ ସଫଳତା ପରେ ନିକଟରେ ଗୁଆହାଟୀରେ ଭାରତୀୟ ମହିଳା ଟିମର ଭବିଷ୍ୟତକୁ ନେଇ ଗୋଟିଏ ବୈଠକ ବସିଥିଲା। ଏଥିରେ ହରମନଙ୍କ ସମେତ ମୁଖ୍ୟ କୋଚ୍ ଅମୋଲ ମଜୁମଦାର, ବିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ଉପ ଅଧିନାୟକ ସ୍ମୃତି ମନ୍ଧାନା ଯୋଗ ଦେଇଥିଲେ।

ଏହି ସମୟରେ କ୍ୟାପ୍‌ଟେନ୍ସି ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକର କିଛି ଦିନ ପରେ ହରମନ ଅଧିନାୟକ ପଦ ଛାଡିଛନ୍ତି। ଏବେ ସ୍ମୃତି ମନ୍ଧାନା ଭାରତୀୟ ମହିଳା କ୍ରିକେଟ ଟିମର ଅଧିନାୟକ ହେବା ଏକ ପ୍ରକାରର ନିଶ୍ଚିତ ହୋଇଛି। ହରମନପ୍ରୀତ କୌର ଆଜି କହିଛନ୍ତି, “ଆଜି ମୁଁ ଭାରତୀୟ ମହିଳା କ୍ରିକେଟର ସବୁ ଫର୍ମାଟର କ୍ୟାପ୍‌ଟେନ୍ସି ପଦ ଛାଡୁଛି। ଏହା ଆଦୌ ସହଜ ନିଷ୍ପତ୍ତି ନଥିଲା। ଦୀର୍ଘ ବର୍ଷର ସ୍ମୃତି, ଭାବନା, ବଳିଦାନ ଓ ମୁହୂର୍ତ୍ତ ମୋ ବାକି ଜୀବନରେ ସବୁବେଳେ ଯୋଡି ହୋଇ ରହିବ। ଏହି ଟିମ ଓ ଭାରତୀୟ ମହିଳା କ୍ରିକେଟକୁ ମୁଁ ମୋ ପାଖରେ ଯାହା ଥିଲା ସବୁ ଦେଇଛି। ମୋ ରକ୍ତ, ଝାଳ, ସମୟ ସବୁ କିଛି ଦେଇଛି।” ଏଥିସହ ସେ ବିସିଆଇ ଠାରୁ ଆରମ୍ଭ କରି ସମସ୍ତ କୋଚ ଓ ଟିମର ସଦସ୍ୟମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

# ମୁମ୍ବାଇ ରଣଜୀ ଟିମ୍‌ରୁ ବାଦ୍ ପଡିଲେ ସୂର୍ଯ୍ୟକୁମାର

ମୁମ୍ବାଇ,୬।୧୦: ଭାରତୀୟ କ୍ରିକେଟର ସୂର୍ଯ୍ୟ କୁମାର ଯାଦବଙ୍କୁ ବଡ ଝଟକା। ୨୦୨୬ରେ ଭାରତ ତାଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ ଜିତିଥିଲା। ହେଲେ ଏହା ପରଠାରୁ ସୂର୍ଯ୍ୟ କୁମାର ଟିମ ଇଣ୍ଡିଆର ୩ଟି ଯାକ ଫର୍ମାଟରୁ ବାଦ ପଡିଛନ୍ତି। ତାଙ୍କ କ୍ୟାରିୟର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏବେ ତାଙ୍କୁ ଆଉ ଏକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିଛି। ମୁମ୍ବାଇ ରଣଜୀ ଟ୍ରଫି ଟିମରୁ ଏହି ଭେଟରାନ କ୍ରିକେଟରଙ୍କୁ ବାଦ ଦେଇଛନ୍ତି ଚୟନକର୍ତ୍ତା। ସେ ରଣଜୀ ଟ୍ରଫି ୨୦୨୬-୨୭ ଋତୁ ପାଇଁ ଉପଲବ୍ଧ ଥିଲେ ମଧ୍ୟ ତାଙ୍କୁ ୧୧ ତାରିଖରୁ ଆରମ୍ଭ ହେଉଥିବା ଚଣ୍ଡିଗଡ ବିପକ୍ଷ ମ୍ୟାଚ୍ ପାଇଁ ଚୟନକର୍ତ୍ତା ମୁମ୍ବାଇ ସ୍କ୍ୱାଡରେ ସାମିଲ କରି ନାହାନ୍ତି।



ମୁମ୍ବାଇ ତା'ର ରଣଜୀ ଅଭିଯାନ ଅକ୍ଟୋବର ୧୧ରୁ ଆରମ୍ଭ କରିବ। ଏଥିପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ସୂର୍ଯ୍ୟ କୁମାରଙ୍କ ନାଁ ନାହିଁ। ସୂର୍ଯ୍ୟ କୁମାର ଟିମରେ ନଥିବା ବେଳେ ଉପ ଅଧିନାୟକ ଭାବେ ୧୯ ବର୍ଷୀୟ ଆୟୁଷ ମହାତ୍ରେଙ୍କୁ ନିଯୁକ୍ତ କରାଯାଇଛି। ସିଦ୍ଧାର୍ଥ ଲାଡ ରଣଜୀ ଋତୁରେ ମୁମ୍ବାଇର କମାଣ ସମ୍ଭାଳିବେ। କ୍ରିକବଜର ରିପୋର୍ଟ ଅନୁସାରେ, ୧୯ ବର୍ଷୀୟ ଆୟୁଷଙ୍କୁ ଚୟନକର୍ତ୍ତା ଭବିଷ୍ୟତର କ୍ୟାପ୍‌ଟେନ ଭାବେ ଏବେ ଠାରୁ ଗଢ଼ି ତୋଳିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ଅଣ୍ଡର ୧୯ ବିଶ୍ୱକପ ଜିତିଥିଲା। ଏହି କାରଣ ପାଇଁ ୨ ବର୍ଷ ମଧ୍ୟରେ ମାତ୍ର ୧୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ଆୟୁଷ ମହାତ୍ରେଙ୍କୁ ଚଳିତ ରଣଜୀ ଋତୁରେ ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଛି।

ସିଦ୍ଧାର୍ଥ ଲାଡଙ୍କ ନେତୃତ୍ୱାଧୀନ ମୁମ୍ବାଇ ଟିମରେ ଭାରତୀୟ ଦଳର ଟେଷ୍ଟ ଓପନର ଯଶସ୍ୱୀ ଜୈସୱାଲ ରହିଛନ୍ତି। ହେଲେ ସୂର୍ଯ୍ୟ କୁମାର ଯାଦବଙ୍କୁ ଚୟନକର୍ତ୍ତା ନାଲି ବଲ ଟୁର୍ଣ୍ଣାମେଣ୍ଟ ପାଇଁ ସୁଯୋଗ ଦେଇ ନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରମେଶ ପାୱାରଙ୍କ ନେତୃତ୍ୱାଧୀନ ମୁମ୍ବାଇ ଚୟନ କମିଟିକୁ ସୂର୍ଯ୍ୟ କୁମାର ରଣଜୀ ଟ୍ରଫି ଖେଳିବାକୁ ଜଣାଇଥିଲେ। ତଥାପି ତାଙ୍କୁ ଟିମରେ ସ୍ଥାନ ମିଳିନି। ଶେଷଥର ପାଇଁ ସୂର୍ଯ୍ୟ କୁମାର ମୁମ୍ବାଇ ଟି-୨୦ ଲିଗ ଖେଳିଥିଲେ। ଭାରତୀୟ ଟିମରୁ ବାଦ ପଡିଥିବା ସୂର୍ଯ୍ୟ କୁମାର କମବ୍ୟାକ କରିବା ଲକ୍ଷ୍ୟରେ ରହିଥିଲେ ହେଁ ତାଙ୍କୁ ଏବେ ଏକ ଚ୍ୟାଲେଞ୍ଜିଂ ସ୍ଥିତର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନେଇ ତାଙ୍କ କ୍ରିକେଟିଂ ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ରିସବେନ୍-୨୦୩୨ର କାକାଟୁ ଲୋଗୋ ଉନ୍‌ମୋଚିତ

ବ୍ରିସବେନ୍,୬।୧୦: ଆଗାମୀ ବ୍ରିସ୍‌ବେନ୍-୨୦୩୨ ଅଲିମ୍ପିକ୍ସ କମିଟି ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସର ଲୋଗୋ ଆନୁଷ୍ଠାନିକ ଭାବେ ଉନ୍‌ମୋଚନ ହେବା ପୂର୍ବରୁ ଲିକ୍ ହୋଇଯାଇଛି। ଏହି ଲୋଗୋର ଭିଡିଓ ପ୍ରସାର ହେଉ ହେଉ କ୍ରୀଡାପ୍ରେମୀ ଉତ୍ସାହିତ ହୋଇଥିଲେ ଏବଂ ପସନ୍ଦ କରିଥିଲେ। ଫଳରେ ଅଲିମ୍ପିକ୍ସ ଆୟୋଜକ କମିଟି ଲିକ୍ ହୋଇଥିବା କାକାଟୁ ଲୋଗୋକୁ ୨୦୩୨ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଲାଗି ଆନୁଷ୍ଠାନିକ ଭାବେ ସୋମବାର ଉନ୍‌ମୋଚନ କରିଛି। ନିର୍ଦ୍ଧାରିତ ସମୟର ୩ ଦିନ ପୂର୍ବରୁ ଆୟୋଜକ କମିଟିର ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଭୁଲ୍‌ବଶତଃ ଲୋଗୋର ଭିଡିଓ ପ୍ରକାଶ ପାଇଥିଲା। ଏହା ପରେ ଆୟୋଜକ ତୁରନ୍ତ ସାମ୍ବାଦିକ ସମ୍ମିଳନୀ ଡାକି ଘଟଣାର ସ୍ପଷ୍ଟୀକରଣ ଦେଇଥିଲେ। ଲୋଗୋ ପ୍ରସ୍ତୁତିରେ କୁଇନ୍ସଲାଣ୍ଡର ପ୍ରାକୃତିକ ପରିବେଶକୁ ପ୍ରତିଫଳିତ କରାଯାଇଛି। ଏଥିରେ ରାଜ୍ୟର ପ୍ରବାଳ ପ୍ରାଚୀର, ସମୁଦ୍ରତଟ, ପାହାଡ଼ିଆ ଅଞ୍ଚଳ ସମେତ ପ୍ରାକୃତିକ ବିବିଧତାର ଝଲକ ରହିଛି। ଏହା ମାଧ୍ୟମରେ ୨୦୩୨ ପର୍ଯ୍ୟନ୍ତ ବ୍ରିସବେନ୍‌ର ଲୋକ, ସ୍ଥାନ ଓ ଉତ୍ସାହକୁ ଏକାଠି କରିବାର ପ୍ରୟାସ କରାଯାଇଛି।

# ୨୩ରୁ ଜାତୀୟ ଲନ୍ ବଲ୍ ପ୍ରତିଯୋଗିତା

ଭୁବନେଶ୍ୱର,୬।୧୦: ଓଡିଶାରେ ପ୍ରଥମ ଥର ପାଇଁ ଜାତୀୟ ଲନ୍ ବଲ୍ ପ୍ରତିଯୋଗିତାର ଆୟୋଜନ ହେବ। ଚଳିତ ଅକ୍ଟୋବର ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ବଲାଙ୍ଗୀରର ନବନିର୍ମିତ ରାଜେନ୍ଦ୍ର ନାରାୟଣ ସିଂହଦେଓ ଅନ୍ତର୍ଜାତୀୟ ଲନ୍ ବଲ୍ କୋର୍ଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ ଜାତୀୟ ୧୮ ବର୍ଷରୁ କମ୍ ଏବଂ ଷଷ୍ଠ ଜାତୀୟ ୨୫ ବର୍ଷରୁ କମ୍ ବର୍ଗର ଉଭୟ ବାଳକ ଓ ବାଳିକା ବିଭାଗରେ ଏହା ଖେଳାଯିବ। ଏହି ୪ ଦିନିଆ ପ୍ରତିଯୋଗିତାରେ ଓଡିଶା ସମେତ ୧୮ ରାଜ୍ୟରୁ ପ୍ରାୟ ୨୫୦ ଖେଳାଳି ଓ ଅଫିସିଆଲ୍ ଅଂଶଗ୍ରହଣ କରିବେ। ରାଜ୍ୟ ବୋଲିଂ ସଂଘ ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ରାଜ୍ୟ ସଂଘ ଉପସଭାପତି ମନ୍ମଥ ସିଂହ ଦେଓ ଏବଂ ସମ୍ପାଦକ ସୁମିତ ରଂଜନ ପୁରୋହିତ ମଙ୍ଗଳବାର ଆୟୋଜିତ ସାମ୍ବିଦକ ସମ୍ମଳିନୀରେ ପ୍ରକାଶ କରିଛନ୍ତି, ଭାରତୀୟ ବୋଲିଂ ମହାସଂଘ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଛନ୍ତି। ଏହି ସମ୍ମିଳନୀରେ ଖୋରଧା ସଂଘ ସମ୍ପାଦକ ତଥା ରାଜ୍ୟ ପରିଚାଳନା କମିଟି ସଦସ୍ୟ ସୁରେଶ କୁମାର ସ୍ୱାଇଁ ଏବଂ ରାଜ୍ୟ ସଂଘର ଅନ୍ୟକର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଓଡିଶା ସମ୍ଭାବ୍ୟ ଦଳର ପ୍ରସ୍ତୁତି ଶିବିର ଅକ୍ଟୋବର ପହିଲାରୁ ଆର୍‌ଏନ୍ ସିଂହ ଦେଓ ଅନ୍ତର୍ଜାତୀୟ ଲନ୍ ବଲ୍ କୋର୍ଟରେ ଜାରି ରହିଚି। ଏହା ଅକ୍ଟୋବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବା ପରେ ଚୂଡାନ୍ତ ଓଡିଶା ଦଳ ଚୟନ କରାଯିବ। ଓଡିଶାରୁ ଦୁଇଟି ଦଳ ବି ଅଂଶଗ୍ରହଣ କରାଯିବାର ସମ୍ଭାବନା ରହିଛି ବୋଲି ଶ୍ରୀ ପୁରୋହିତ ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଓଡିଶାରେ ଲନ୍ ବଲ୍ ଖେଳର ପ୍ରଚାର ଓ ପ୍ରସାର ଗୋଟିଏ ଦଶନ୍ଧି ଟପିନଥିଲେ ମଧ୍ୟ ଆଶାଜନକ ସଫଳତା ଅର୍ଜନ କରିଛି। ବିଗତ ଦୁଇ ଜାତୀୟ କ୍ରୀଡାରୁ ୪ ପଦକ (୩ କାଂସ୍ୟ ଓ ରେପ୍ୟ) ମିଳି ସାରିଛି। ସେହିଭଳି ଗତବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ଗତ ପଞ୍ଚମ ଜାତୀୟ ୨୫ ବର୍ଷରୁ କମ୍ ବର୍ଗରେ ମଧ୍ୟ ଓଡିଶା ୩ କାଂସ୍ୟ ପଦକ ହାସଲ କରିଥିଲା। ସେଠାରେ ଭଲ ପ୍ରଦର୍ଶନ କରିଥିବାରୁ ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ୍ ଏସୀୟ ଶିବିରରେ ସ୍ଥାନ ପାଇଥିଲେ। ଏସୀୟ ଲନ୍ ବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜେଶ୍ୱରୀ ସେଠ୍ ମଧ୍ୟ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ଲନ୍ ବଲ୍ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ରୋଶନୀ ଏଥର ୧୮ ବର୍ଷରୁ କମ୍ ଦଳରେ ଏବଂ ରାଜେଶ୍ୱରୀ ୨୫ ବର୍ଷରୁ କମ୍ ଦଳରେ ଖେଳିବାକୁ ଯାଉଥିବାରୁ ଉଭୟଙ୍କଠାରୁ ଓଡିଶା ନିଶ୍ଚିତ ପଦକ ଆଶା ରଖିବ ବୋଲି ଶ୍ରୀ ପୁରୋହିତ ପ୍ରକାଶ କରିଛନ୍ତି। ଏହି ଦୁଇ ଜଣଙ୍କ ବାଦ୍ ଗତ ଜାତୀୟ ପ୍ରତିଯୋଗିତାରେ ଓଡିଶା ଦଳକୁ କାଂସ୍ୟ ଜିତାଇବେରେ ପ୍ରମୁଖ ଭୂମିକା ତୁଲାଇଥିବା ପଦ୍ମାସିନୀ ପୁଟେଲ ମଧ୍ୟ ୨୫ ବର୍ଷରୁ କମ୍‌ରେ ଖେଳିବେ। ତେଣୁ ଓଡିଶା ଏକାଧିକ ପଦକ ଆଶାରେ ରହିଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**